ଧରିତ୍ରୀ
DHARITRI
August 15-21, 2021 ₹ 2/-

# ଛୁଟିଦିନ

୩
ପ୍ରଚ୍ଛଦ ପ୍ରସଙ୍ଗ



## ସୀମାନ୍ତରୁ କୃଷିକ୍ଷେତ୍ର

ସୀମା ସୁରକ୍ଷାର ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ ଥିଲା। ଦେଶସେବାକୁ ବ୍ରତ ଭାବେ ଆପଣେଇଥିବା ଯବାନ ଅବସର ପରେ କୃଷିକ୍ଷେତ୍ରକୁ ଫେରି ଅନେକଙ୍କୁ ବଞ୍ଚିବାର ରାହା ଦେଖାଇଛନ୍ତି...



# ଶ୍ରାବଣ ମାସ ବିଶେଷ

## ବର୍ତ୍ତମାନ ଶ୍ରାବଣ ମାସ ଚାଲିଛି। ଏହି ମାସରେ କ'ଣ କଲେ ଦେବ ଦେବ ମହାଦେବ ପ୍ରସନ୍ନ ହେବା ସହ ଧନ, ଐଶ୍ୱର୍ଯ୍ୟ, ଶାନ୍ତି, ସମୃଦ୍ଧି ପ୍ରାପ୍ତ ହୋଇଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

*ସାଧୁସନ୍ନ୍ୟାସୀଙ୍କ ମତାନୁସାରେ, ବିବାହ ଦୋଷ ଥିବା ପୁଅ ଓ ଝିଅ ଯଦି ଶ୍ରାବଣ ମାସରେ ପ୍ରତିଦିନ କେଶର ମିଶା କ୍ଷୀର ମହାଦେବଙ୍କୁ ଅର୍ପଣ କରିବା ସହ ୨୧ଟି ବେଲପତ୍ର ଉପରେ ଚନ୍ଦନରେ ଓଁ ନମଃ ଶିବାୟ ଲେଖି ଲାଗି କରାନ୍ତି, ତା'ହେଲେ ତାଙ୍କର ରିଷ୍ଟ ଖଣ୍ଡନ ହୋଇଯାଏ।



*ଶ୍ରାବଣ ମାସରେ ପ୍ରତିଦିନ ସକାଳେ ଘରେ ଗଙ୍ଗାଜଳ ଛିଞ୍ଚିଲେ ଘରୁ ନକାରାତ୍ମକ ଶକ୍ତି ନଷ୍ଟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

*ସେହିପରି ଏହି ମାସରେ ଗରିବଙ୍କୁ ଖାଇବାକୁ ଦେଲେ ଭୋଳାନାଥ ଈଶ୍ୱର ପ୍ରସନ୍ନ ହେବା ସହ ଘରେ କେବେ ବି ଅଭାବ ଅନଟନ ଦେଖାଯାଇ ନ ଥାଏ। ଏଥିସହିତ ପିତୃଲୋକଙ୍କୁ ମଧ୍ୟ ଶାନ୍ତି ମିଳିଥାଏ।

*ତା'ସହିତ ଶ୍ରାବଣ ମାସର ପ୍ରତି ସୋମବାର ଦିନ ଯଦି ଭଗବାନଙ୍କୁ କ୍ଷୀର ହେଉ ଅବା ପାଣି ସହ କଳାରାଶି ମିଶାଇ ଅଭିଷେକ କରାଯାଏ, ତା'ହେଲେ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

*ଅନ୍ୟପକ୍ଷେ କୁହାଯାଏ, ଶ୍ରାବଣ ମାସରେ ଛୋଟ ଛୋଟ ଅଟା ଗୁଳା କରି ଯଦି ମାଛମାନଙ୍କୁ ଖାଇବାକୁ ଦିଆଯାଏ ଏବଂ ତା'ସହିତ ଭକ୍ତିର ସହ ଭଗବାନ ଶିବଙ୍କୁ ସ୍ମରଣ କରାଯାଏ, ତା'ହେଲେ ମନୋସ୍କାମନା ପୂରଣ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୧୫-୨୧

**ମେଷ**: ଆରୋଗ୍ୟ ଲାଭ କରିବେ, ଦୂରଯାତ୍ରା ସଫଳ ହେବ, କ୍ରୀଡ଼ାରେ ସଫଳତାପ୍ରାପ୍ତି, ପାରିବାରିକ ଅଶାନ୍ତି, ସ୍ନାୟବିକ ଦୁର୍ବଳତା। ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଲେଖାପଢ଼ାରୁ ଆତ୍ମତୃପ୍ତି, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ, ସହକର୍ମୀଙ୍କ ଶତ୍ରୁତାରୁ ଦୁଶ୍ଚିନ୍ତା ।

**ବୃଷ**: ସାମାଜିକ ସ୍ତରରୁ ସମ୍ମାନ, ନୂତନ ବନ୍ଧୁ ସମ୍ପର୍କ, ଖର୍ଚ୍ଚ ବଢ଼ିଯିବ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଅଭିଳଷିତ ଫଳପ୍ରାପ୍ତି, ପଦ ମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟ ସ୍ୱଜନଙ୍କ ସ୍ୱାସ୍ଥ୍ୟଚିନ୍ତା, ବ୍ୟବସାୟିକ ଉତ୍କର୍ଷତା।

**ମିଥୁନ**: ନୂତନ କର୍ମାରମ୍ଭ, ସହଯୋଗ ପାଇବେ, କାମ ତ୍ୱରାନ୍ୱିତ ହେବ, ପରିଜନଙ୍କ ପ୍ରେରଣା, ପରିସ୍ଥିତିର ମୁକାବିଲା, ଭୁଲ୍ ଖବରରୁ ବ୍ୟସ୍ତତା, ପରିବହନରେ ସମସ୍ୟା, ଗୃହ ବିବାଦ ଲାଗିପାରେ।

**କର୍କଟ**: ଆରୋଗ୍ୟ ଲାଭ, ପାରିବାରିକ ସଦ୍‌ଭାବ ବୃଦ୍ଧି, ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ, ପ୍ରତୀକ୍ଷିତ ଖବରପ୍ରାପ୍ତି, କଳା, ସାହିତ୍ୟରେ ଉନ୍ନତି, ବନ୍ଧୁ ଅସୁବିଧାରେ ପକାଇପାରନ୍ତି, ମାନସିକ ଅବସାଦ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ।

**ସିଂହ**: ପାରିବାରିକ ସମସ୍ୟା, ସମ୍ପର୍କୀୟଙ୍କ ଅସହଯୋଗ, ଅଫିସରେ ଝଗଡା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସମ୍ମାନ। ଭ୍ରାତୃ ବିବାଦ, ଆଲୋଚନା ସ୍ଥଗିତ ରହିବ, କରଜଦାତାଙ୍କ ଚାପ, ଯାତ୍ରା ସ୍ଥଗିତ ରହିବ।

**କନ୍ୟା**: ନୂଆ ଯୋଜନାରମ୍ଭ, ସାମୟିକ ପ୍ରତିବନ୍ଧକ, ପଡୋଶୀଙ୍କ ଆକ୍ଷେପୋକ୍ତି, ନୂତନ ନିଯୁକ୍ତି, ପରୀକ୍ଷାରେ ଆତ୍ମସନ୍ତୋଷ, ଗୃହଭୂମି କ୍ରୟ, ପାରିବାରିକ ସମର୍ଥନ, ସ୍ତ୍ରୀଙ୍କ ପ୍ରେରଣା, ବିଦେଶଯାତ୍ରା, ଶୁଭ ଖବର ପାଇବେ, ବନ୍ଧୁମିଳନ।

**ତୁଳା**: ସହକର୍ମୀଙ୍କ ସାହାଯ୍ୟ, ପ୍ରଶାସନିକ ତତ୍ପରତା, ଯାନବାହନ ମରାମତି, ନିର୍ମାଣ କାର୍ଯ୍ୟରେ ସମସ୍ୟା, ଯାତ୍ରାରେ ଲକ୍ଷ୍ୟ ପୂରଣ, ସ୍ତ୍ରୀଙ୍କ ସୁପରାମର୍ଶ, ସମ୍ମାନନୀୟ ବ୍ୟକ୍ତିଙ୍କୁ ମିଶିବେ, ପାରିବାରିକ ସୌହାର୍ଦ୍ଦ୍ୟ।

**ବିଛା**: କୌଶଳରେ କାର୍ଯ୍ୟସିଦ୍ଧି, ଲକ୍ଷ୍ୟ ହାସଲ, ବକେୟା ପାଇବେ, ପକ୍ଷପାତିତାରୁ କଳହ, ପ୍ଲଟିଙ୍ଗ୍ କାରବାରରେ ଉନ୍ନତି, ପ୍ରତିଯୋଗିତାରୁ ଓହରିବେ, ପରିବହନରେ ସମସ୍ୟା, କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ, ଆତ୍ମୀୟଙ୍କ ଶତ୍ରୁତା।

**ଧନୁ**: ବିପଦମୁକ୍ତ ହେବେ, ସନ୍ତାନଙ୍କ ବିଶୃଙ୍ଖଳା, ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସ୍ୱାର୍ଥପରତା, ଧନହାନିର ଆଶଙ୍କା, ନୂତନବନ୍ଧୁ ସମ୍ପର୍କ, ରଚନାତ୍ମକ କାମରୁ ପ୍ରଶଂସା, ବ୍ୟୟବୃଦ୍ଧିରୁ ମନସ୍ତାପ, ସତ୍‌ସଙ୍ଗର ସୁଯୋଗ।

**ମକର**: ହାତ ଖାଲି ରହିବ, ଆଶା ପୂରଣ ହେବ, ବନ୍ଧୁଙ୍କ ଅଭିମାନ, ପଡ଼ୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ଅଗ୍ରଗତିରେ ବାଧା, ନିଜ ଲୋକଙ୍କ ବିଶ୍ୱାସଘାତକତା, ପରିବହନରେ ସମସ୍ୟା, ପାରିବାରିକ ସୌହାର୍ଦ୍ଦ୍ୟତା।

**କୁମ୍ଭ**: ସଭାସମିତିକୁ ଆହ୍ୱାନ, ଆର୍ଥିକ ଅନଟନ, ଉପରିସ୍ଥଙ୍କ ଭୁଲ୍ ବୁଝାମଣା, ବିଦେଶଯାତ୍ରା, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ସରକାରୀକ୍ଷେତ୍ରରୁ ଲାଭ, ଧର୍ମଚର୍ଚ୍ଚା ପ୍ରତି ଆଗ୍ରହ, ସମସ୍ୟା ସମାଧାନ। ସ୍ଥଗିତ କାର୍ଯ୍ୟାରମ୍ଭ, ନିଷ୍ପତ୍ତି ବଦଳାଇବେ, ପାରିବାରିକ କଳହ।

**ମୀନ**: ଉନ୍ନତଚିନ୍ତା, ନୂତନ ଯୋଜନାରମ୍ଭ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ଗବେଷଣାରେ ଅଗ୍ରଗତି, କଚେରି ମାମଲାରେ ବିଜୟ, ଆୟ ତୁଳନାରେ ବ୍ୟୟ ଅଧିକ, ବନ୍ଧୁଙ୍କ ଓଲଟାକଥା, ରପ୍ତାନି ବାଣିଜ୍ୟରେ ପ୍ରତିବନ୍ଧକ, କ୍ରୀଡ଼ା, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ।

# ୯୦ ପଇସାର ଚାମଚ ବିକ୍ରି ହେଲା ୨ ଲକ୍ଷରେ

ସତରେ ସମୟ ବଡ଼ ବଳବାନ। ଏହା କେତେବେଳେ ଧନୀକୁ ଗରିବ କରିଦିଏ ତ କେତେବେଳେ ଗରିବ ଲୋକର ହାତରେ ଲକ୍ଷଲକ୍ଷ ଟଙ୍କାର ଲଟେରି ଧରେଇ ଦିଏ। ସେମିତି ଏକ ଅଜବ ଘଟଣା ଦେଖିବାକୁ ମିଳିଥିଲା ଲଣ୍ଡନରେ। ସ୍ଥାନୀୟ ଏକ ବ୍ୟକ୍ତି କିଛି ବର୍ଷ ତଳେ ଜଣେ କବାଡିବାଲାଠାରୁ ଗୋଟିଏ ପୁରୁଣା ଚାମଚଟିଏ ମାତ୍ର ୯୦ ପଇସାରେ କିଣି ବ୍ୟବହାର କରୁଥିଲେ। ଚାମଚଟି ପୁରୁଣା ହୋଇଥିଲେ ବି ତା'ର ଓଜନ ଓ ଚମକ୍‌ରୁ ଦେଖି ସେହି ବ୍ୟକ୍ତି ଜଣକ ସବୁବେଳେ ଭାବୁଥିଲେ ଯେ, ଏହା ଷ୍ଟିଲ୍‌ର ଚାମଚ ନା ଅନ୍ୟ କୌଣସି ଧାତୁରେ ତିଆରି ଚାମଚ। ଥରେ ସେ ଏକ ଗହଣା ଦୋକାନୀକୁ ଚାମଚଟିକୁ ଦେଖାଇବାରୁ ସେ କହିଲେ, 'ଏହା ସମ୍ପୂର୍ଣ୍ଣ ଭାବେ ରୁପାରେ ତିଆରି, ଆଉ ପରୀକ୍ଷଣରୁ ଯାହା ଜଣାଯାଉଛି ଚାମଚଟି ଏବେକାର ନୁହେଁ, ଏହା ପ୍ରାୟ ତ୍ରୟୋଦଶ ଶତାବ୍ଦୀ ବେଳର। କଥାଟି ଶୁଣିବା ପରେ ଉକ୍ତ ବ୍ୟକ୍ତିଙ୍କ ଖୁସି କହିଲେ ନ ସରେ। ସେ ସଙ୍ଗେସଙ୍ଗେ ପୁରୁଣା ଜିନିଷର



ନିଲାମୀ ଡାକୁଥିବା ଏକ କମ୍ପାନୀ ସହ ଯୋଗାଯୋଗ କଲେ। ଆଶ୍ଚର୍ଯ୍ୟଜନକ ଭାବେ ଉକ୍ତ କମ୍ପାନୀ ତରଫରୁ ଡକା ଯାଇଥିବା ଏକ ନିଲାମୀରେ ତାଙ୍କ ଚାମଚଟି ପ୍ରାୟ ଦୁଇ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା। ୯୦ ପଇସାର ଚାମଚଟି ୨ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବାରୁ ଉକ୍ତ ବ୍ୟକ୍ତିଜଣକ ବହୁତ ଖୁସି ହୋଇଯାଇଥିଲେ ଆଉ ସ୍ଥାନୀୟ ଏକ ମିଡିଆକୁ ସାକ୍ଷାତ୍‌କାର ଦେଇ କହିଥିଲେ ଯେ, ସେ ଏହି ଟଙ୍କାରେ ବିଭିନ୍ନ ସ୍ଥାନକୁ ବୁଲିଯାଇ ଭରପୂର ମଜା ନେବେ।

# ପାଠକୀୟ

*ବନ୍ଧୁତ୍ୱ ଏକ ମିଠା ଅନୁଭବର କଥା। ଆତ୍ମୀୟତାର କଥା। ବନ୍ଧୁତ୍ୱ ସାହସ ଦିଏ, ବନ୍ଧୁତ୍ୱ ଜୀବନକୁ ସଜାଡ଼ି ଦିଏ। କେବେ କାହା ସହିତ କେତେବେଳେ ମଣିଷ ବନ୍ଧୁତ୍ୱ ସୂତ୍ରରେ ଯୋଡ଼ି ହୁଏ ତା'ର କ'ଣ କିଛି ହିସାବ ଥାଏ ? ଟିକିଏ ଖୁସି ପାଇଁ ଜଣେ କାହାକୁ ବି ବନ୍ଧୁ ସ୍ୱୀକାର କରିପାରେ। ଏଇ ଯେମିତି କିଏ ବହିକୁ ନିଜର ବନ୍ଧୁ କରି ନେଇଛନ୍ତି ତ ଆଉ କିଏ ରଙ୍ଗତୂଳୀ ସହ ଖୁସିରେ ମନଭରି ଜୀବନ ଜିଉଛନ୍ତି। ତେଣୁ ଏଭଳି କିଛି ନିଆରା ବନ୍ଧୁ ପଣିଆ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁତ୍ୱ'ଟି ଏକ ହୃଦୟସ୍ପର୍ଶୀ ଆଲେଖ୍ୟ ଥିଲା। ସେହିପରି ଧନିଆଁର ଔଷଧୀୟ ଗୁଣ ସମ୍ପର୍କରେ ଛୁଟିଦିନରୁ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା।

*-ପ୍ରଭାରାଣୀ ବାରିକ, ସାକ୍ଷୀଗୋପାଳ, ପୁରୀ*

*ବନ୍ଧୁତା ଉତ୍ସାହ ଦିଏ। ପଙ୍ଗୁକୁ ଗିରି ଲଙ୍ଘାଏ। ଅନ୍ଧ ପାଇଁ ଦୃଷ୍ଟି ହୋଇ ଠିଆ ହୁଏ। ବନ୍ଧୁତାରେ ନିଜକୁ ନିଃଶେଷ କରିଦେଇ ଯିବାଟା ହିଁ ବଡ଼ କଥା। ବନ୍ଧୁତ୍ୱର ଗଭୀରତାକୁ ଆଖିଆଗରେ ରଖି ଛୁଟିଦିନ ତରଫରୁ ପ୍ରକାଶ କରାଯାଇଥିବା ଏହି ସୁନ୍ଦର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନକୁ ବେଶ୍ ଛୁଇଁ ଯାଇଥିଲା। ସେହିପରି ଭିନ୍ନ ଭିନ୍ନ ପଶୁ ତଥା ମଣିଷ ଓ ପଶୁଙ୍କ ଭିତରେ କେମିତି ବନ୍ଧୁତା ସ୍ଥାପନା ହୋଇପାରିଛି ତାହାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା 'ନିଆରା ବନ୍ଧୁତା' ଆଲେଖ୍ୟଟି ବି ବେଶ୍ ମନଛୁଆଁ ହୋଇପାରିଥିଲା।

*-ରାହାସ ବିହାରୀ ମହାନ୍ତି, କେନ୍ଦ୍ରାପଡ଼ା*

*ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ଗୀତିକାର ମନୋଜ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ବନ୍ଧୁ ବିଚାର' ନାମକ ଗପଟି ଖୁବ୍ ମନଛୁଆଁ ହୋଇଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ 'କଲେଜ ଯିବେ କିଆରା', 'ଦୋଛକିରେ ମହେଶ', 'ଭାବପ୍ରବଣ କଙ୍ଗନା' ଆଦି ପାଠଗୁଡ଼ିକ ଭାରି ମଜାଦାର୍ ହୋଇପାରିଥିଲା।

*-ତନୟା ସେଠୀ, କଲ୍ୟାଣପୁର, ଯାଜପୁର*

*ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ କବି ସୁଶାନ୍ତ ଦାସଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ହୃଦୟଛୁଆଁ ହୋଇପାରିଥିଲା। ସେହିପରି ସାଥୀର ହେଡିଂ 'ମନକୁ ମନ ଭାବଇ ରଜା, ଚୋରା ପୀରତିରେ ନ ଥାଏ ମଜା' ଖୁବ୍ ରୋମାଣ୍ଟିକ୍ ମନେହେଉଥିଲା। 'ଦାମୀ ମୁଦି' ଆଲେଖ୍ୟଟିରୁ କେତେକ ଆକର୍ଷଣୀୟ ତଥା ଆକାଶଛୁଆଁ ଦାମ୍ ହୋଇଥିବା ହୀରାର ମୁଦି ସମ୍ପର୍କରେ ଜାଣିବାକୁ ମିଳିଲା।

*-ରଶ୍ମି ଶତପଥୀ, ଶିଶୁପାଳଗଡ଼, ଭୁବନେଶ୍ୱର*

*ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବାମନ ଗାଈ', 'କ୍ରୁଶ ବୁଣା ମଣିଷ' ଏବଂ 'ୟାକୁ ହିଁ କହନ୍ତି ବନ୍ଧୁତା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନୋରମ ଥିଲା। ସେହିପରି ମଡେଲ୍ ମିରର୍‌ରେ ପ୍ରିୟଙ୍କା ଖୁବ୍ ସୁନ୍ଦର ଦେଖାଯାଉଥିଲେ।

*-ତପସ୍ୱିନୀ ସୁତାର, ଭବାନୀପାଟଣା*

## ବିଶେଷ ଚିଠି




ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ
ନାଁଟି ତୁମର ପୁଣି 'ଛୁଟିଦିନ'
ଷୋହଳ ପୃଷ୍ଠାରେ ତୁମେ ହୁଅ ଉଭା
ପ୍ରତିଟି ପୃଷ୍ଠାରେ ଥାଏ ଅନେକ ଆଭା।
କେତେ ନୂଆ କଥା କେତେ ନୂଆ ଜ୍ଞାନ
ପରଷିଦିଅ ତୁମେ ପ୍ରତି ରବିବାର ଦିନ
ଏହିପରି ସବୁବେଳେ ତୁମେ ଆସୁଥାଅ
ପ୍ରୀତିର ପରଶ ଦେଇ ତୁମେ ହସୁଥାଅ।

*-ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସୀମାନ୍ତରୁ କୃଷିକ୍ଷେତ୍ର



**ସୀମା ସୁରକ୍ଷାର ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ ଥିଲା। ଦେଶସେବାକୁ ବ୍ରତ ଭାବେ ଆପଣେଇଥିବା ଯବାନ ଅବସର ପରେ କୃଷିକ୍ଷେତ୍ରକୁ ଫେରି ଅନେକଙ୍କୁ ବଞ୍ଚିବାର ରାହା ଦେଖାଇଛନ୍ତି...**

**ଏବେ ସମନ୍ୱିତ କୃଷିରେ ମନ**–ସୈନ୍ୟବାହିନୀରୁ ଅବସର ପରେ ସେ ଗାଁକୁ ଫେରିଲେ। ଗାଁରେ ରହି ଚାଷକାର୍ଯ୍ୟ ପ୍ରତି ମନବଳାଇଲେ। କି ପ୍ରକାରର ଚାଷକଲେ ନିଜ ଅଞ୍ଚଳର ଲୋକମାନଙ୍କୁ ବର୍ଷର ସବୁ ସମୟରେ ଭଲ ରୋଜଗାର ମିଳିପାରିବ ସେଥିପାଇଁ ଚିନ୍ତାକରି ସେ ତାଙ୍କ ବଡ଼ଭାଇଙ୍କ ସହିତ ଆଲୋଚନା କଲେ। ଦୁଇଭାଇ ମିଶି ନିଜର ଥିବା କିଛି ଚାଷ ଓ ପଡ଼ିଆଜମିରେ ତିଆରିକଲେ ଏକ ସମନ୍ୱିତ କୃଷିକ୍ଷେତ୍ର। ଏଥିରେ ନିର୍ଭରଶୀଳ ଗାଁର ଆଉ କେତୋଟି ପରିବାର ଏବେ ଖୁସିରେ ସେମାନଙ୍କ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ତେବେ ଏହି ସମନ୍ୱିତ କୃଷିକ୍ଷେତ୍ରଟି ତିଆରି କରିଛନ୍ତି ଜଣେ ଅବସରପ୍ରାପ୍ତ ନୌସୈନିକ। ସେ ହେଲେ ବଳଭଦ୍ର ରାଉତରାୟ । ଘର ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ଡୁଙ୍ଗମାଳ ଗ୍ରାମପଞ୍ଚାୟତ ଅଧୀନ ଖାରିବନ୍ଧ ଗାଁରେ। ସେ କୁହନ୍ତି– ସ୍କୁଲ ସମୟରୁ ବିଭିନ୍ନ ଗଛଲତା ଲଗାଇବା ଅଭ୍ୟାସ ଥିଲା। ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ +୨ ପଢ଼ା ପରେ ୧୯୮୮ମସିହାରେ ଭାରତୀୟ ନୌସେନା ବିଭାଗର ବିଶାଖାପାଟଣାଠାରେ ନିଯୁକ୍ତି ପାଇଲି। ପରେ ଚିଲିକା, କୋଚିନ୍, ପୋର୍ଟବ୍ଲେୟାର, ଚେନ୍ନାଇ, ବମ୍ବେ ଆଦି ସ୍ଥାନରେ ଚାକିରି ଜୀବନ ବିତିଲା। କିନ୍ତୁ ଗାଁକୁ ଯେବେ ଫେରେ ଘରେ ବଡ଼ଭାଇ କୃଷ୍ଣଚନ୍ଦ୍ର ରାଉତରାୟଙ୍କ ସହିତ କୃଷିକ୍ଷେତ୍ର ସମ୍ପର୍କରେ କଥା ହୁଏ । କାରଣ ବଡ଼ଭାଇ ଅଧିକାଂଶ ସମୟ ଚାଷକାମରେ ସମୟ ବିତାଇଥାନ୍ତି । ୨୦୦୩ ମସିହାରେ ନୌସେନାରୁ ଅବସର ନେଲି। ଯେହେତୁ ପିଲାଟି ଦିନରୁ ପ୍ରାକୃତିକ ପରିବେଶକୁ ଖୁବ୍ ଭଲ ପାଉଥିଲି ଏବଂ ମୋର ଏକ ସ୍ୱପ୍ନଥିଲା କ'ଣ କରିଲେ ପରିବେଶ ସୁରକ୍ଷା ହେବା ସହିତ ଭଲ ରୋଜଗାର ହୋଇପାରିବ, ଏହି ଚିନ୍ତା ସର୍ବଦା ଘାରୁଥିଲା। ଏଥିପାଇଁ ଯୋଜନା କଲି। ଚିଲିକା କୂଳର ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ମୋ ଗାଁ। ଏହା ନିକଟରେ ସବୁଜ ବୃକ୍ଷଲତାରେ ପରିପୂର୍ଣ୍ଣ ପାହାଡ଼, ଆଇଏନ୍ଏସ୍ ଚିଲିକା କେନ୍ଦ୍ର ଓ ଜାତୀୟ ରାଜପଥ ରହିଛି । ଆମର ଥିବା ପ୍ରାୟ ୧୨ଏକର ପଡ଼ିଆ ଜାଗାରେ ସମନ୍ୱିତ କୃଷି ଫାର୍ମ ହାଉସ ହୋଇଛି। ୨୦୦୪ ମସିହାରୁ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା। ଏଠାକୁ ରାସ୍ତାରେ ଯିବା ବେଳେ ପ୍ରଥମେ ନଜର ପଡ଼ିବ ସୌନ୍ଦର୍ଯ୍ୟମୟୀ ଚିଲିକା, ସବୁଜିମା ପାହାଡ଼ ଆଉ ରାସ୍ତାର ଦୁଇକଡ଼ରେ ରହିଛି ଧାଡ଼ିଧାଡ଼ି ନଡ଼ିଆଗଛ। ଏଠାରେ ୪ଟି ପୋଖରୀ ରହିଛି, ଯେଉଁଥିରେ ମାଛ ଚାଷ ହେଉଛି। ପୋଖରୀ ହୁଡ଼ାରେ ଶତାଧିକ ଆମ୍ବ ଗଛ ଲଗାଯାଇଛି । ପାଞ୍ଚ ହଜାର କୁକୁଡ଼ା ପାଳନ ପାଇଁ ଏକ କୁକୁଡ଼ାଘର ରହିଛି। ୧୫ଟି ଜର୍ସିଗାଈ, ୫ଟି ଦେଶୀ ଗାଈ ଏବଂ ୨୮ଛେଳି ପାଳନ ହେଉଛି। ଏହି ସମନ୍ୱିତ କୃଷିକ୍ଷେତ୍ର ପରିସରରେ ପ୍ରାୟ ୨୦୦ଟି ସଜନାଗଛ,୩୦୦ଟି ଆମ୍ବଗଛ, କିଛି କଦଳୀ, ସପେଟା ଓ ଶାଗୁଆନ ଗଛ ରହିଛି। ଏମିତି ସବୁଜିମା ପରିବେଶରେ ଏକ ପ୍ୟାକ୍ ହାଉସ୍ ବି ରହିଛି। ଏଥିପାଇଁ ପ୍ରାୟ ୮୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରତିଦିନ ଏଠାରେ ପ୍ରାୟ ୧୫ଜଣ ଶ୍ରମିକ ବିଭିନ୍ନ କାର୍ଯ୍ୟକରି ସେମାନଙ୍କ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏବେ ଏହି କୃଷିକ୍ଷେତ୍ରରୁ ସମସ୍ତ ଖର୍ଚ୍ଚକୁ ବାଦ ଦେଲେ ବାର୍ଷିକ ପ୍ରାୟ ୭/୮ଲକ୍ଷ ଟଙ୍କା ଲାଭ ହୋଇପାରୁଛି। ତେବେ ଏଠାରୁ ଆଦାୟ ହେଉଥିବା ଫଳ, କ୍ଷୀର, ମାଛ ଓ କୁକୁଡ଼ା ଅଣ୍ଡାକୁ ସ୍ଥାନୀୟ ବାଲୁଗାଁ ବଜାରକୁ ବିକ୍ରି ପାଇଁ ଯାଇଥାଏ। ମାତ୍ର ପ୍ରତିଦିନ ଏଠାରେ ବୁଲିବା ପାଇଁ କୃଷିବିତ୍‌ମାନେ ଆସିଥାନ୍ତି। ଆମର ଏମିତି କୃଷି କ୍ଷେତ୍ର ପାଇଁ ରାଜ୍ୟ ସରକାରଙ୍କ କୃଷି ବିଭାଗର ବିଭିନ୍ନ ସଂସ୍ଥାରୁ ବହୁବାର ପୁରସ୍କାର ମିଳିଛି। ସ୍ୱାଧୀନ ଭାବେ ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟ କେତେଜଣଙ୍କୁ ରୋଜଗାରର କ୍ଷେତ୍ର ସୃଷ୍ଟି କରିଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଖୁବ୍ ପ୍ରଶଂସା କରିଥାନ୍ତି। ତେବେ ଅନ୍ୟପକ୍ଷେ ଆଜିକାଲିର ଯୁବଗୋଷ୍ଠୀଙ୍କ ପାଇଁ ଏହି ସମନ୍ୱିତ କୃଷି ବାଟ ଦେଖାଇପାରିବ ବୋଲି ଆଶା କରୁଛି।

**ଦେଶର ହୃଦୟ ଗାଁରେ ଅଛି**–ଗାଁରେ ସ୍କୁଲ ପଢ଼ା ସାରି ସେ ରାଜନଗର ଶ୍ରୀଜଗନ୍ନାଥ କଲେଜରେ +୨ ସାରିଲେ। ମାତ୍ର ସେହି ସମୟରେ କିଛିଦିନ ଟିଉଶନ କରୁଥିଲେ। ପୁଣି ନିଯୁକ୍ତି ପାଇଁ ପ୍ରସ୍ତୁତି ହେଉଥାନ୍ତି । ଏମିତିରେ ସେତେବେଳେ ସୈନ୍ୟବାହିନୀରେ ଯୋଗଦେଲେ। ସେ ହେଲେ ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ପ୍ରଧାନ। ସେ କୁହନ୍ତି, ପ୍ରଥମେ ଶ୍ରୀନଗରରେ କାଯ୍ୟ କଲି । ପରେ ନୂଆଦିଲ୍ଲୀ, ଅରୁଣାଚଳ ପ୍ରଦେଶ, ହଲଦୁଆନି, ପୁଞ୍ଚ୍ସେକ୍ଟର, ପଟିଆଲା,ପଠାଣକୋଟ, କପୁରତାଲା ଆଦି ସ୍ଥାନରେ ଚାକିରି ଜୀବନ ବିତାଇବା ସମୟରେ (ଇଗ୍ନୋ) ମାଧ୍ୟରେ ବିଏ ପାଠ୍ୟକ୍ରମ ସାରିଦେଇଥାଏ। କିନ୍ତୁ ଅବସର ପରେ ଗାଁରେ ଥିବା ପ୍ରାୟ ୩ ଏକର ଚାଷଜମିରେ ଧାନଚାଷ କରିଥାଏ। ଅନ୍ୟ ସମୟରେ ମୁଗଚାଷ କରେ। ଏଥିରେ ଅନ୍ୟ ୩ଜଣ ବ୍ୟକ୍ତି କାମକରି ଗୁଜୁରାଣ ମେଣ୍ଟାଇଥାନ୍ତି। ଜଣେ ସୈନିକ ଭାବେ ଯେତିକି ଖୁସି ଏବେ ନିଜ କୃଷିକ୍ଷେତ୍ରରେ ଚାଷକରି ମଧ୍ୟ ବେଶ୍ ଖୁସି ଅଛି। କହିବାକୁ ଗଲେ ସୈନିକ ଭାବେ ଦେଶ ପାଇଁ ଗର୍ବକରେ ଏବଂ କୃଷକଭାବେ ଫସଲ ଦେଖି ମନରେ →





ଗୌରବ ଆସେ । ଦେଶର ଉନ୍ନତି ପାଇଁ ଗାଁର ବିକାଶକୁ ଦେଖିବାକୁ ହେବ ବୋଲି ମତେ ଏକଥା ସବୁବେଳେ ଘାରିଥାଏ । କାରଣ ଦେଶର ହୃଦୟ ଗାଁରେ ହିଁ ରହିଛି। ଅନ୍ୟପକ୍ଷେ ଗାଁର ଯୁବକମାନଙ୍କୁ ନେଇ ବିଭିନ୍ନ ସାମାଜିକ ସେବାକାର୍ଯ୍ୟ ଭାବେ ପୋଖରୀ ସଫେଇ, ବୃକ୍ଷରୋପଣ, ରାସ୍ତା ମରାମତି ଇତ୍ୟାଦିରେ ସମୟ ଦେଇ ଖୁସି ହୁଏ।

**କୃଷିରୁ ମିଳୁଛି ଆତ୍ମସନ୍ତୋଷ**–ସେ ଥିଲେ ଭାରତୀୟ ସ୍ଥଳସେନାର ଜଣେ ସୈନିକ । ଅବସର ପରେ ସେ ଫେରିଆସିଛନ୍ତି ଗାଁକୁ । ଗାଁରେ ସୃଷ୍ଟି କରିଛନ୍ତି ନିଆରା କୃଷିକ୍ଷେତ୍ର। ଯେଉଁଥିରୁ ଅନ୍ୟମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରୁଛନ୍ତି। ସେ ହେଲେ ଅବସର ପ୍ରାପ୍ତ ସୈନିକ ସମରେନ୍ଦ୍ରନାଥ ଶତପଥୀ। ସେ କୁହନ୍ତି– ମୁଁ ବାପା(ନନା)ଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ସୈନ୍ୟବାହିନୀରେ ଯୋଗ ଦେଇଥିଲି। ଚାକିରିରୁ ଅବସର ପରେ ଏବେ ତାଙ୍କରି ଆଦର୍ଶରେ ଗାଁରେ କୃଷିକ୍ଷେତ୍ର ତିଆରି କରିଛି। ଆମ ଘର ଖୋର୍ଦ୍ଧା ଜିଲାର ଟାଙ୍ଗିଆପଡ଼ା ଗାଁରେ। ଗାଁର ସେବାଶ୍ରମ ସ୍କୁଲରେ ପଢ଼ା ସାରି ଗୁରୁଜଙ୍ଗ ସରକାରୀ ଉଚ୍ଚବିଦ୍ୟାଳରୁ ୧୦ମ ପାସ୍ କରିଥିଲି। ପରେ ପ୍ରାଣନାଥ କଲେଜରେ ବିଜ୍ଞାନରେ ସ୍ନାତକ ଶେଷକରି ସେହିବର୍ଷ ଭାରତୀୟ ସେନାରେ ଯୋଗଦେଲି। ଜଣେ ସିଗ୍ନାଲ ଅପରେଟର ହିସାବରେ ଭାରତୀୟ ସ୍ଥଳସେନାରେ ଯୋଗ ଦେଲି। ବାସ୍ତବରେ ସେନାରେ ବହୁତ କିଛି ଶିଖିପାରିଲି। ପ୍ରାୟ୧୭ବର୍ଷ ଭିତରେ ଅନେକ ସ୍ଥାନକୁ ଯିବାକୁ ପଡ଼ିଛି। ଟ୍ରେନିଂରେ ୩ବର୍ଷ, କାଉଣ୍ଟର ଇନ୍ସୁରାନ୍ସ ଅପରେଶନାଲ ଏରିଆରେ ୮ବର୍ଷ, ଜଣେ ଟେକ୍ନିକାଲ ଶିକ୍ଷକ ହିସାବରେ ଟ୍ରେନିଂସେଣ୍ଟରରେ ୪ବର୍ଷ, ମିଳିତ ଜାତିସଂଘ ଶାନ୍ତି ସେନାରେ ସୁଦାନରେ ୧ବର୍ଷ ଏବଂ ୧ବର୍ଷ ଅନ୍ୟାନ୍ୟ ସେବା ପାଇଁ କାର୍ଯ୍ୟ କରିଛି । ପାକିସ୍ତାନ ସହିତ ଏକ ଯୁଦ୍ଧବେଳେ ଦେଶ ପାଇଁ ଯୋଗ ଦେଇଥିଲି। କାରଗିଲ ଯୁଦ୍ଧରେ ମଧ୍ୟ ସାମିଲ ହୋଇଥିଲି। ୧୯୯୭ରୁ ୨୦୦୦ମସିହା ଯାଏ। ୯୭ଟି ଅପରେଶନରେ ଯୋଗଦେଇଛି ଏବଂ ଆମ ୟୁନିଟ ୩ ବର୍ଷରେ ଶତାଧିକ ଉଗ୍ରପନ୍ଥୀଙ୍କୁ ନିହତ କରିଛି। ଇଏତ ଗଲା ମୋ ସେନା କାର୍ଯ୍ୟର ଘଟଣା। କିନ୍ତୁ ଅବସର ନେବାକୁ ଏକମାସ ଥାଏ ଛୁଟିରେ ଗାଁକୁ ଆସିଥାଏ। ବାପା କଥା ପ୍ରସଙ୍ଗରେ କହିଲେ ତୁ ପେନ୍ସନ ଆଣିଲା ପରେ ସେହି ଟଙ୍କା କ'ଣ କରିବୁ । ଏମିତି କଥାରେ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ତା'ପରେ କହିଲି, ମୋ କାମରେ ଲଗାଇବି। ମାତ୍ର ବାପାଙ୍କର କଥା ଥିଲା –ଚାକିରି ଅବସର ପରେ ଏଇ ପଇସାରୁ ପ୍ରାୟ ୨୦ ଶତକଡ଼ା ରାଷ୍ଟ୍ରକାର୍ଯ୍ୟ ଓ ଦାନଧର୍ମରେ ଲଗେଇବୁ। ଏହା ଲୋକମାନେ କର ଦେଇଥିବା ପଇସା। ଚାକିରିରେ ଥିଲାବେଳେ ଯାହା ପାଉଥିଲୁ ତାହା ତୋ ପାଇଁ ଦରମା ମିଳିଛି। ମାତ୍ର ପେନ୍ସନରେ ତୋର ପୂର୍ଣ୍ଣ ଅଧିକାର ନାହିଁ ବୋଲି ଏମିତି ସବୁ କଥା ତାଙ୍କଠାରୁ ଶୁଣିଲି । ହେଲେ ଅବସର ପରେ ମୋର ଏକ ଚାକିରି ପ୍ରତିଯୋଗିତାରେ ଚୟନ ହୋଇସାରିଥାଏ। ଏହି ସମୟରେ କର୍ଣ୍ଣେଲ ଶରତ ମିଶ୍ର ଆସି ମତେ କହିଲେ, ଚାଲ ଗାଁକୁ ଯିବା ଚାଷୀମାନଙ୍କ ପାଇଁ କିଛି କରିବା। କିନ୍ତୁ ଚାଷୀଙ୍କ ବିଭିନ୍ନ ସମସ୍ୟା କଥା ଶୁଣି ଚାଷ କ୍ଷେତ୍ରକୁ ଯିବି ନାହିଁ ବୋଲି ପ୍ରଥମେ ତାଙ୍କୁ ମନା କରିଦେଇଥିଲି। ତା'ପରେ ସେ ମତେ ବୁଝେଇ କହିଲେ ଆରେ ଆମେ ଫୌଜୀ, ଗୁଳି ଯୁଆଡୁ ଆସିବ ଆମକୁ ସିଆଡ଼କୁ ଯିବାକୁ ହେବ। ଏହା ଆମ ଧର୍ମ। ତାପରେ ଅଙ୍କୁର ଏଗ୍ରିକଲଚର ଟ୍ରଷ୍ଟ ଗଠନ କଲୁ । ସେ ହେଲେ ସଭାପତି ଆଉ ମୁଁ ସମ୍ପାଦକ । ବିଭିନ୍ନ ଚାଷ ଉପଯୋଗୀ ଯନ୍ତ୍ରପାତି କିଣିଲୁ। ବିଭିନ୍ନ ବର୍ଗର ଚାଷୀଭାଇମାନଙ୍କୁ ମାଗଣାରେ ଟ୍ରେନିଂ ଦିଆଗଲା। ଏମିତିରେ ୨୧ଜଣ ଯୁବକଙ୍କୁ ଚାଷ ଉପକରଣ ଯନ୍ତ୍ରପାତି ଚଳାଇବାର ତାଲିମ ପ୍ରଦାନ କରାଯାଇଥିଲା। ଏବେ ପ୍ରାୟ ୨ଏକର ଜମିରେ ଏକ ଫାର୍ମ ହାଉସ କରାଯାଇଛି। ୧୦୦ଟି ଆମ୍ବଗଛ, କେତୋଟି ସେପେଟାଗଛ, ୨ଶହ ଅମୃତଭଣ୍ଡାଗଛ, ୨ଶହ କାକୁଡ଼ିଆ କୋଳିଗଛ ଲଗାଇଛି । ପ୍ରାୟ ୮ବର୍ଷ ଧରି ଧାନ ଚାଷ କରିଆସୁଛି। ମୋ ସହିତ ୪ଜଣ ସବୁବେଳେ କୃଷିକାର୍ଯ୍ୟରେ ଶ୍ରମଦେଇ ସେମାନେ ନିଜର ରୋଜଗାର କରିଥାନ୍ତି। ପୁଣି ଆମ ଅଞ୍ଚଳର


ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଶରତ ମୋହନ ମିଶ୍ର


ଅଚ୍ୟୁତାନନ୍ଦ ପ୍ରଧାନ


ବୀରେନ୍ଦ୍ର ରାଉତରାୟ


ବଳଭଦ୍ର ରାଉତରାୟ

ବ୍ରଜଭାଇ ଓ ପିଙ୍କୁ ଭାଇ, କିଶୋର ସାର୍‌ଙ୍କ ପ୍ରଭାବ ମତେ ପ୍ରେରଣା ଦେଇଛି। ବିଭିନ୍ନ ସାମାଜିକ ସଂସ୍ଥାରେ କାର୍ଯ୍ୟ କରିଆସୁଛି। କହିବାକୁ ଗଲେ ସୈନିକ ହୋଇ ଦେଶର ସୁରକ୍ଷାରେ ଶ୍ରମଦାନ କରିଥିଲି ମାତ୍ର ଅବସର ପରେ କୃଷିକାର୍ଯ୍ୟ କରି ପରିବାର ସହିତ ଦେଶର ଆଉ କେତେଜଣଙ୍କ ପାଇଁ ରୋଜଗାରର ବାଟଦେଖାଇ ପାରିଥିବାରୁ ଆତ୍ମସନ୍ତୋଷ ଲାଗୁଛି। ଏଥିପାଇଁ ନିଜକୁ ଧନ୍ୟ ମନେକରିଥାଏ।

**ସବୁଜ ଫସଲ ଦେଖିଲେ ଖୁସି ଲାଗେ**–ସୈନ୍ୟବାହିନୀର ସେ ଜଣେ ଚିକିତ୍ସକ ଭାବେ ଯୋଗଦେଇଥିଲେ। ଅବସର ପରେ ଗାଁରେ ଚାଷକାମ ପାଇଁ ସମୟ ଦେଉଛନ୍ତି। ସେ ହେଲେ ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଶରତ ମୋହନ ମିଶ୍ର । ସେ କୁହନ୍ତି, ପିଲାଦିନେ ମାମୁଘର ଆଠଗଡ଼ ଅଞ୍ଚଳରେ ରହି ପାଠପଢୁଥିଲି। ପରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜରୁ ଏମବିବିଏସ ପଢ଼ାସରିଲା ବେଳକୁ ମୋର ସୈନ୍ୟବାହିନୀରେ ଚାକିରି ହୋଇଗଲା। ୧୯୭୧ରେ ବଙ୍ଗଳାଯୁଦ୍ଧ ସମୟରେ କ୍ୟାପ୍‌ଟେନ ଭାବେ ଯୋଗଦେଇଥିଲି। କିଛିବର୍ଷ ପରେ ଚାକିରି ଛାଡ଼ି ଦେଇଥିଲି। ଭିଏଚଇଏଲ ହରିଦ୍ୱାରରେ ଯୋଗଦେଇଥିଲି। ମାତ୍ର ପୁଣି ଥରେ ଚାକିରି କଲି। ଶାନ୍ତି ସୈନ୍ୟବାହିନୀରେ ଯୋଗଦେଇ ଶ୍ରୀଲଙ୍କାରେ ସେବାପ୍ରଦାନ କରିଥିଲି। ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଭାବେ କାର୍ଯ୍ୟକରିଛି। କିନ୍ତୁ ୨୦୦୨ରେ ସେନା ଚାକିରିରୁ ଅବସର ପରେ ଗାଁରେ ରହି ପ୍ରାୟ ୩ ଏକର ଜମିରେ ବିଭିନ୍ନ ପନିପରିବା ଚାଷ କରୁଛି। ୩ଟି ପୋଖରୀ ଖନନକରି ମାଛଚାଷ ପୁଣି ଛତୁଚାଷ କରାଯାଉଛି। କୃଷିକ୍ଷେତ୍ରର ଉନ୍ନତି ଦିଗରେ ଗାଁର କୃଷକମାନଙ୍କ ପାଇଁ ବିଭିନ୍ନ ତାଲିମ ଶିବିର ନିମନ୍ତେ ସହଯୋଗ କରିଥାଏ। ତେବେ ଆମ ଚାଷକ୍ଷେତ୍ରରେ ପ୍ରତିଦିନ ପ୍ରାୟ ୮ଜଣ ବ୍ୟକ୍ତି ପରିଶ୍ରମକରି ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ଏଥିରେ ମତେ ଫସଲ ଦେଖିଲେ ଖୁସି ଲାଗେ। ଦେଶରେ ସୈନିକ,ଚିକିତ୍ସକ ଓ କୃଷକଭାବେ କାର୍ଯ୍ୟ ତୁଲାଇ ଥିବାରୁ ନିଜକୁ ଧନ୍ୟମନେକରେ।

**ଚାଷ ଦେଇଛି ପରିଚୟ**– ଦେଶର ସୁରକ୍ଷା ପାଇଁ ଜଣେ ସୈନିକର ଦାୟିତ୍ୱ ଯେମିତି ରହିଛି, ସେମିତି କ୍ଷେତ ଶସ୍ୟଶ୍ୟାମଳା କରିବାର ଭୂମିକା କିଛି କମ୍ ନୁହେଁ। ତେବେ ଏମିତି ଆଦର୍ଶକୁ ପାଥେୟକରି ଜଣେ ଅବସରପ୍ରାପ୍ତ ସୈନିକ ଦେଶର କୃଷିକ୍ଷେତ୍ରର ବିକାଶ ଦିଗରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଲେ ବୀରେନ୍ଦ୍ର ରାଉତରାୟ। ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଗୁରା ଗ୍ରାମରେ। ସେ କୁହନ୍ତି– ପିଲାଦିନେ ବାପାଙ୍କ ସହିତ ଗାଁରେ ବିଲକୁ ଯାଉଥିଲି। ସମୟକ୍ରମେ ସ୍କୁଲ ପଢ଼ା ସାରି ଖୋର୍ଦ୍ଧା ପ୍ରାଣନାଥ କଲେଜରେ ବିଏ ପଢ଼ା ସାରିଲି। ୧୯୯୦ମସିହାରେ ସିଲିଗୁଡ଼ିରେ ଜାତୀୟ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ରେ ଯୋଗଦେଲି। ପରେ ସୁନ୍ଦରବନ, ଜମ୍ମୁକଶ୍ମୀର, ଶ୍ରୀନଗର,ବାରମୁଲା,ବିହାର,ଉତ୍ତର ପ୍ରଦେଶ,ପଶ୍ଚିମବଙ୍ଗ, ହରିୟାଣା,ପଞ୍ଜାବ ଆଦି ସ୍ଥାନରେ ଚାକିରି ସମୟ ବିତେଇଛି। ଏହି ସମୟରେ ସେହି ଅଞ୍ଚଳର ଅନେକ କୃଷିକ୍ଷେତ୍ର ଦେଖି ଖୁସି ହୋଇପଡ଼ିଥାଏ।। ଏମିତିରେ ଯେବେ ସ୍ୱେଚ୍ଛାକୃତ ଭାବେ ୨୦୧୬ରେ ଚାକିରିରୁ ଅବସର ନେଲି । ତା'ପରେ ଗାଁରେ ଥିବା ଚାଷଜମିରେ ବିଭିନ୍ନ ପ୍ରକାର ଫସଲ କରିବାକୁ ଚିନ୍ତାକଲି। କାରଣ ଚାଷ କାମରେ ମୋ ସହିତ ଆଉ କେତେଜଣ ଉପକୃତ ହେବେ ବୋଲି ଅନୁଭବ କରିଥିଲି। ତେବେ ଜାଗାରେ ୨ଟି ପୋଖରୀ ଖୋଳି ମାଛଚାଷ କରୁଛି। ୩ଶହ କଦଳୀଗଛ, ୧ଶହ ଆମ୍ବଗଛ, ୫୦ଟି ନଡ଼ିଆ ଗଛ, ୧୨ଟି ବରକୋଳି ଗଛ, ସପେଟା ଗଛ, ୧୦୦ ଅମୃତଭଣ୍ଡା ଗଛ ଲଗାଇଛି । ଅନ୍ୟପକ୍ଷେ ଛତୁଚାଷ କରାଯାଇଥାଏ। ପ୍ରାୟ ୫ଏକର ଜମିରେ ଧାନଚାଷ ହେଉଛି। ଏମିତି ପ୍ରାୟ ୩ ଏକର ଚାଷ ଉପଯୋଗୀ ଜମିରେ କାମଚାଲିଛି। ଛତୁ, ଶାଗ,ଅମୃତଭଣ୍ଡା, କଦଳୀ ଆଦି ଚାଷକରି ନିଜ ପରିବାର ଚଳାଇବା ସହିତ ପ୍ରତିଦିନ ୪ଜଣଙ୍କୁ ରୋଜଗାର ମିଳିପାରୁଛି। ତେବେ ବାର୍ଷିକ ସମସ୍ତ ଖର୍ଚ୍ଚ ଯାଇ ଏବେ ପ୍ରାୟ ୮ଲକ୍ଷ ଟଙ୍କାରୁ ଅଧିକ ଆୟ ହେଉଛି। ତେବେ ଦେଶ ସୁରକ୍ଷାରେ ବୀରସୈନିକ ମାନଙ୍କ ଭୂମିକା ଅତୁଳନୀୟ ରହିଥିବାବେଳେ କୃଷକମାନଙ୍କ ଭୂମିକା କିଛି କମନୁହେଁ।

–ବନବିହାରୀ ବେହେରା




ସମରେନ୍ଦ୍ରନାଥ ଶତପଥୀ





## ତ୍ରିରଙ୍ଗା ଉଡ଼େଇବା ପାଇଁ ଦେଇଥିଲେ ଜୀବନ

୧୯୪୨ ମସିହା, ଅଗଷ୍ଟ କ୍ରାନ୍ତି ସମୟର କଥା। ୧୧ ଅଗଷ୍ଟ ଦ୍ୱିପ୍ରହର ୨ଟାରେ ବିହାରର ୭ଜଣ ସୁପୁତ୍ର ଇଂରେଜ ଗୁଳିରେ ଶହୀଦ ହୋଇଯାଇଥିଲେ। ସେମାନେ ସମସ୍ତେ ଥିଲେ ଛାତ୍ର। ସେଦିନ ପାଟନାର ସଚିବାଳୟ ଉପରେ ତ୍ରିରଙ୍ଗା ପତାକା ଉଡ଼ାଇବାକୁ ସେମାନେ ନିଷ୍ପତ୍ତି ନେଇଥିଲେ। ଆଉ ତ୍ରିରଙ୍ଗା ଧରି ଜୀବନକୁ ବାଜି ଲଗାଇ ସେମାନେ ଆଗକୁ ଆଗକୁ ବଢ଼ି ଚାଲିଥିଲେ। ଏହି ଅଭିଯାନର ନେତୃତ୍ୱ ନେଇଥିଲେ ଦେବୀପଦ ଚୌଧୁରୀ। ତାଙ୍କ ବୟସ ସେତେବେଳେ ୧୪ ବର୍ଷ ଥିଲା। ସେ ସିଲହଟ(ବର୍ତ୍ତମାନ ବାଂଲାଦେଶରେ)ର ଜମାଲପୁର ଗାଁର ନିବାସୀ ଥିଲେ। ସଚିବାଳୟ ଆଡକୁ ସେ ନିଜର ୬ଜଣ ସାଥୀଙ୍କୁ ନେଇ ବଢ଼ି ଚାଲିଥିଲେ। ପୋଲିସ ସେମାନଙ୍କୁ ଅଟକାଇବାକୁ ଚାହିଁଥିଲେ। ହେଲେ ସେମାନେ ଅଟକି ନ ଥିଲେ। ଶେଷରେ ପୋଲିସ୍ ଦେବୀପଦଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଗୁଳି ମାଡ଼ରେ ସେ ଟଳି ପଡ଼ିବା ଦେଖି ପଟନା, ଦଶରଥା ଗ୍ରାମର ରାମ ଗୋବିନ୍ଦ ସିଂହ ତ୍ରିରଙ୍ଗାକୁ ଧରି ଆଗକୁ ବଢ଼ିବାକୁ ଲାଗିଲେ। ରାମ ଗୋବିନ୍ଦ ସେତେବେଳେ ପୁନପୁନ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିଲେ। ଆଗକୁ ବଢ଼ିଚାଲୁଥିବା ରାମ ଗୋବିନ୍ଦଙ୍କୁ ବି ପୋଲିସ୍ ଛାଡ଼ି ନ ଥିଲା। ଆଉ ଗୁଳି ଚାଳନା କରିଥିଲା। ଏହାପରେ ତ୍ରିରଙ୍ଗାକୁ ରାମାନନ୍ଦ ସିହ୍ନା ଧରି ନେଇଥିଲେ। ରାମାନନ୍ଦ ବି ଥିଲେ ଦଶମ ଶ୍ରେଣୀ ଛାତ୍ର। ଆଉ ସେତେବେଳେ ତାଙ୍କର ବିବାହ ବି ହୋଇ ସାରିଥାଏ। ସେ ତ୍ରିରଙ୍ଗାକୁ ତଳେ ପଡ଼ିବାକୁ ନ ଦେଇ ହାତରେ ଧରି ଆଗକୁ ମାଡ଼ି ଚାଲିଲେ। ନିଷ୍ଠୁର ପୋଲିସ୍ ତାଙ୍କୁ ବି ଗୁଳି କରି ମାରିଦେଲେ। ରାମାନନ୍ଦ ଟଳି ପଡ଼ିବା ଦେଖିବା କ୍ଷଣି ସାରଣ ଜିଲାର ଦିଘବାରା ନିବାସୀ ରାଜେନ୍ଦ୍ର ସିଂ ପତାକାକୁ ସମ୍ଭାଳି ଧରିଲେ। ଆଉ ଆଗକୁ ଚାଲିଲେ। ସେ ଗର୍ଦ୍ଦନୀବାଗ ଉଚ୍ଚବିଦ୍ୟାଳୟରେ ୧୦ମ ପଢ଼ିବା ସହ ତାଙ୍କର ବିବାହ ହୋଇସାରିଥାଏ। ଅନ୍ୟମାନଙ୍କ ଭଳି ରାଜେନ୍ଦ୍ରଙ୍କ ଉପରକୁ ବି ଗୁଳି ଚଳାଯାଇଥିଲା। ତାଙ୍କୁ ଟଳିବା ଦେଖି ଔରଙ୍ଗାବାଦ ଜିଲାର ଜଗପତି କୁମାର ତ୍ରିରଙ୍ଗା ସମ୍ଭାଳିଥିଲେ। ଆଉ ପୋଲିସ୍‌ର ଗୋଟିଏ ଗୁଳି ତାଙ୍କର ହାତରେ ବାଜିବା ସହ ଆଉ ଏକ ଗୁଳି ଛାତିରେ ବାଜିଲା। ତୃତୀୟ ଗୁଳି ବାଜିଥିଲା ଜଙ୍ଘରେ। ତଥାପି ସେ ଆଗକୁ ଘୋଷାଡ଼ି ହୋଇ ଚାଲିଲେ। ଏହି ଅବସ୍ଥାରେ ଭାଗଲପୁର ଜିଲା, ବରାପୁରା ଗ୍ରାମର ସତିଶ ଝା ତ୍ରିରଙ୍ଗା ଉଡାଇବା ଚେଷ୍ଟାରେ ଲାଗିଗଲେ। ତାଙ୍କ ଉପରକୁ ବି ଗୁଳି ଚାଳନା କରାଗଲା। ହେଲେ ଶେଷ ନିଃଶ୍ୱାସ ଥିବା ଯାଏଁ ସେ ତ୍ରିରଙ୍ଗା ଉଡ଼ାଇବା ପ୍ରୟାସ କରିଥିଲେ। ଏହି ସମୟରେ ଆଗକୁ ଆସିଥିଲେ ୧୫ ବର୍ଷୀୟ ଉମାକାନ୍ତ ପ୍ରସାଦ ସିହ୍ନା। ସେ ପାଟନା ବି.ଏନ୍. କଲେଜରେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ପୋଲିସ ତାଙ୍କ ଉପରେ ଗୁଳି ଚାଳନା କରିଥିଲେ ହେଁ ବହୁ ଚେଷ୍ଟା କରି ସଚିବାଳୟ ଉପରେ ତ୍ରିରଙ୍ଗା ଉଡ଼ାଇବାରେ ସେ ସମର୍ଥ ହେଲେ। ଏହାପରେ ସେ ବି ଶହୀଦ ହୋଇଯାଇଥିଲେ। ଜଣକ ପରେ ଜଣେ ନିଜ ଜୀବନର ବଳିଦାନ ଦେଇ ସଚିବାଳୟ ଉପରେ ତ୍ରିରଙ୍ଗାକୁ ଉଡ଼ାଇବାରେ ସମର୍ଥ ହୋଇଥିଲେ। ଏହି ସାତଜଣଙ୍କର ସେଦିନର ବଳିଦାନ ଥିଲା ସ୍ମରଣୀୟ ଓ ଅନନ୍ୟ। ସେଥିପାଇଁ ସେହି ସ୍ଥାନରେ ପରବର୍ତ୍ତୀ ସମୟରେ ଏକ ଶହୀଦ ସ୍ମାରକୀ ନିର୍ମାଣ କରାଗଲା, ଯାହାର ଶିଳାନ୍ୟାସ ୧୯୪୭, ଅଗଷ୍ଟ ୧୫ ସ୍ୱତନ୍ତ୍ରତା ଦିବସରେ ବିହାରର ପ୍ରଥମ ରାଜ୍ୟପାଳ ଜୟରାମ ଦୌଲତରାୟ କରିଥିଲେ। ଆଉ ତା'ର ଔପଚାରିକ ଅନାବରଣ ଦେଶର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ୧୯୫୬ରେ କରିଥିଲେ। ସେହି ଶହୀଦ ସ୍ମାରକୀ ମନେ ପକାଇଦିଏ ଉକ୍ତ ସାତଜଣ ଛାତ୍ରଙ୍କ ବଳିଦାନର ଗାଥାକୁ।





# ଦେଶ ସେବାରେ ପ୍ରତି ପରିବାର

ଆନ୍ଧ୍ରପ୍ରଦେଶ, ପ୍ରକାଶମ୍ ଜିଲାରେ ଅଛି ମଲ୍ଲାରେଡ୍ଡୀ ପଲ୍ଲୀ ନାମକ ଏକ ମୁସ୍‌ଲିମ୍ ଗାଁ। ଏଇ ଗାଁର ଦେଶ ସୁରକ୍ଷା ପ୍ରତି ରହିଛି ବିଶେଷ ଭୂମିକା। କାରଣ ଏଇ ଗାଁର ପ୍ରତି ଘରର ପୁଅ ଦେଶ ସେବାରେ ନିୟୋଜିତ। ଦେଶ ସୀମାରେ ସେମାନେ ଜୀବନକୁ ବାଜି ଲଗାଇ ଶତ୍ରୁ ସହ ଲଢ଼ିବାକୁ ପ୍ରସ୍ତୁତ ଥାଆନ୍ତି। ତେଣୁ ଏହି ଗାଁ ବୀର ଯବାନଙ୍କ ଗାଁ ଭାବେ ବେଶ୍ ପରିଚିତ। ଭାରତୀୟ ସେନାଙ୍କୁ ଏଇ ଗାଁ ଏଭଳି ବୀର ଯବାନ ଦେଇଛି, ଯେଉଁମାନେ କି ଭାରତ-ପାକ୍ ଯୁଦ୍ଧ, କାରଗିଲ୍ ଯୁଦ୍ଧ ଓ ଭାରତ-ଚାଇନା ଯୁଦ୍ଧ ସାମିଲ ହୋଇ ବୀରତ୍ୱର ସହ ଶତ୍ରୁ ସହିତ ଲଢ଼ିଥିଲେ। ବୋଧହୁଏ ମଲ୍ଲାରେଡ୍ଡୀ ପଲ୍ଲୀ ଗାଁର ମାଟିରେ, ପାଣି ପବନରେ ଏମିତି କିଛି ଅଛି, ଯଦ୍ୱାରା ପ୍ରତ୍ୟେକ ଯୁବକଙ୍କ ମନରେ ସେନାରେ ଭର୍ତ୍ତି ହେବାର ଝୁଙ୍କ ସବାର ହୋଇଥାଏ। ଆଉ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯୁବପିଢ଼ିଙ୍କୁ ତାଲିମ ଦେଇ ସେନାରେ ସାମିଲ ହେବା ପାଇଁ ଆଗୁଆ ପ୍ରସ୍ତୁତ କରିଥାନ୍ତି। ଯଦ୍ୱାରାକି ସେମାନେ ଭାରତ ମାତାର ସେବା କରିବା ପାଇଁ ଶାରୀରିକ, ମାନସିକ ସ୍ତରରେ ଫିଟ୍ ହୋଇପାରିବେ। ମଲ୍ଲାରେଡ୍ଡୀ ପଲ୍ଲୀ ଗାଁରେ ୮୬ ପରିବାର ରୁହନ୍ତି। ଯେଉଁଥିରୁ ୧୩୦ଜଣ ମା'ଙ୍କ ପୁଅ ଭାରତ ମାତାର ସୁରକ୍ଷା ପାଇଁ ସୀମାରେ ନିୟୋଜିତ ହୋଇଛନ୍ତି। ଜୀବନ ପ୍ରତି ବିପଦ ଥିଲେ ହେଁ କୌଣସି ମା' ଦ୍ୱିଧା ପ୍ରକାଶ କରନ୍ତି ନାହିଁ ପୁଅ ତାଙ୍କର ସେନାରେ ଯୋଗ ଦେବ ବୋଲି। ବରଂ ପୁଅ ଦେଶମାତୃକାର ସେବାରେ ନିୟୋଜିତ ବୋଲି ଗର୍ବ ଅନୁଭବ କରନ୍ତି।





**ସେ ଜଣେ ପ୍ରଥିତଯଶା ଶିକ୍ଷାବିତ୍। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ଇଂଲିଶ୍ ବିଭାଗର ପ୍ରାକ୍ତନ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ, କୋରାପୁଟସ୍ଥିତ ସେଣ୍ଟ୍ରାଲ ୟୁନିଭର୍ସିଟିର କୁଳପତି ଭାବେ ଅବସର ଗ୍ରହଣ କରିଛନ୍ତି। ବ୍ରିଟିଶ୍ କାଉନ୍‌ସିଲ, ଚାର୍ଲ୍ସୱାଲେସ୍, ସଲଜବର୍ଗ ଭଳି ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ। ଇଂଲିଶ୍ ଭାଷାରେ ଦକ୍ଷ ହୋଇଥିଲେ ବି ଅନ୍ୟ ଦୃଷ୍ଟିରେ ବିଦ୍ୟୁତ୍‌ପ୍ରଭା, ସରଳାଦେବୀ, ଶୈଳବାଳା ଦାସ, ନୂତନ ସମାଲୋଚନା, ବିସ୍ତୃତ ପରମ୍ପରା, ଓଡ଼ିଆ ସାହିତ୍ୟରେ ନାରୀ ପ୍ରତିଭା ଭଳି ଅନେକ ପୁସ୍ତକ ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଭାରତର ଶିକ୍ଷା ବିଭାଗ ପକ୍ଷରୁ ୟୁନେସ୍କୋର ସଦସ୍ୟ ଭାବେ କାର୍ଯ୍ୟ କରିଥିବା ତଥା ନିକଟରେ ଫୁଲବ୍ରାଇଟ୍ ସମ୍ମାନରେ ସମ୍ମାନିତ ଏହି ବ୍ୟକ୍ତିତ୍ୱ ହେଲେ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି।**



# ‘ଶିକ୍ଷା ପାଇଁ ଜୀବନର ଲକ୍ଷ୍ୟ ଆବିଷ୍କାର କରିବାକୁ ପଡ଼ିବ’

**ପ୍ରଶ୍ନ: ଇଣ୍ଡୋ-ୟୁଏସ୍ ଏଜୁକେଶନ ଏକ୍ସଚେଞ୍ଜ୍ ପ୍ରୋଗ୍ରାମର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ ଫୁଲବ୍ରାଇଟ୍ ସମ୍ମାନ ଆପଣ ପାଇଛନ୍ତି। ଏଭଳି ସମ୍ମାନପ୍ରାପ୍ତିର ଅନୁଭୂତି ସମ୍ପର୍କରେ କିଛି କହିବେ ?**

ଉତ୍ତର: ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ପରେ ବୁଝାମଣାର ଅଭାବ ଏହି ସଂଘର୍ଷର କାରଣ ଥିଲା ବୋଲି ବିଶ୍ୱାସ କରିଥିଲେ ଆମେରିକୀୟ ସିନେଟର ଜେ. ୱିଲିୟମ୍ ଫୁଲବ୍ରାଇଟ୍। ତେଣୁ ଆମେରିକା ସରକାରଙ୍କ ବୈଦେଶିକ ବିଭାଗ ସହାୟତାରେ ଦେଶ-ଦେଶ ଭିତରେ ଉତ୍ତମ ସମ୍ପର୍କ ସ୍ଥାପନ ପାଇଁ ସେ ୧୯୪୬ରେ ଆରମ୍ଭ କରିଥିଲେ ‘ଫୁଲବ୍ରାଇଟ୍ ଏକ୍ସଚେଞ୍ଜ୍ ପ୍ରୋଗ୍ରାମ୍’। ସମୟକ୍ରମେ ଏହା ଏବେ ୧୬୦ଟି ଦେଶରେ ଚାଲିଛି। ଫୁଲବ୍ରାଇଟ୍ ସମ୍ମାନ ପ୍ରସଙ୍ଗରେ କହିବା ପୂର୍ବରୁ ଗୋଟିଏ ବିଷୟରେ ସୂଚନା ଦେବା ଉତ୍ତମ ହେବ। ୧୯୫୦ ମସିହା ଫେବୃଆରୀ ୨ରେ ଆମ ଦେଶରେ ବାଇ-ନ୍ୟାଶନାଲ କମିଶନ ସ୍ଥାପିତ ହୋଇଥିଲା। ସେହି ବର୍ଷ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ତତ୍କାଳୀନ ମାର୍କିନ ରାଷ୍ଟ୍ରଦୂତ ଲୟ ପି. ହେଣ୍ଡେରସନ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ଚୁକ୍ତି ଅନୁସାରେ ଭାରତୀୟ ଛାତ୍ରୀଛାତ୍ର, ଗବେଷକ ଓ ପ୍ରଫେସରମାନେ ଉଚ୍ଚଶିକ୍ଷା, ଗବେଷଣା ଏବଂ ଅଧ୍ୟାପନା ପାଇଁ ଆମେରିକୀୟ ବିଶ୍ୱବିଦ୍ୟାଳୟକୁ ଯିବେ, ହେଲେ ଏକ ସର୍ତ୍ତରେ। ସେମାନେ ସେଠାରେ ପାଠପଢ଼ା ଏବଂ ଗବେଷଣା ଶେଷ କରି ଭାରତକୁ ଫେରିଆସିବେ। କାରଣ ମୂଳ ଲକ୍ଷ୍ୟ ହେଲା, ଶିକ୍ଷା ମାଧ୍ୟମରେ ଭାରତର ସାମୂହିକ ଉନ୍ନତି। ସେହିପରି ଭାବେ ଆମେରିକାରୁ ମଧ୍ୟ ଛାତ୍ରୀଛାତ୍ର ଓ ଶିକ୍ଷାବିତ୍ ଭାରତର ନିର୍ଦ୍ଦିଷ୍ଟ ବିଶ୍ୱବିଦ୍ୟାଳୟକୁ ଆସିପାରିବେ। ଚଳିତବର୍ଷ ଏହାର ୭୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଉତ୍ସବରେ ସେମାନେ ସାହିତ୍ୟ, ସଂସ୍କୃତି, ବିଜ୍ଞାନ, କଳା, ପ୍ରତ୍ନତତ୍ତ୍ୱ, ଭୂଗୋଳ, ଇତିହାସ, ସାମାଜିକ ବିଜ୍ଞାନ, ଭାଷା ଇତ୍ୟାଦିର ସାମଗ୍ରିକ ବିଭାଗକୁ ନେଇ ଜଣଙ୍କୁ ‘ଫୁଲବ୍ରାଇଟ୍ ସମ୍ମାନ’ ପାଇଁ ମନୋନୀତ କଲେ। ସମ୍ଭବତଃ ଭାରତବର୍ଷରେ ପ୍ରଥମ ଥର ପାଇଁ ଏଭଳି ସମ୍ମାନ ଦିଆଯାଇଛି। ମୋର ସୌଭାଗ୍ୟ ଯେ, ଏଭଳି ଏକ ସମ୍ମାନ ଲାଗି ଭାରତର ଫୁଲବ୍ରାଇଟ୍ କମିଶନ ମୋତେ ଯୋଗ୍ୟ ବିବେଚନା କରିଛି। ଏଇଟି ମୋ’ ପାଇଁ ଯେତେ ଗୌରବର କଥା ନୁହଁ, ମୁଁ ଭାବେ ଆମ ରାଜ୍ୟ ତଥା ଦେଶ ବିଦେଶର ଯେଉଁ ଅନୁଷ୍ଠାନ ଲାଗି କାମ କରିଛି, ସେମାନଙ୍କ ପାଇଁ ମୁଖ୍ୟତଃ ଗୌରବର ବିଷୟ। ୧୯୯୦-୯୧ରେ ୟୁନିଭର୍ସିଟି ଅଫ ଟେକ୍ସାସ, ଅଷ୍ଟିନ୍ ଓ ୟେଲ୍ ୟୁନିଭର୍ସିଟିରେ ଗବେଷଣା ଏବଂ ୨୦୦୪-୦୫ରେ ଆମେରିକାରେ ଭିଜିଟିଂ ପ୍ରଫେସର ପାଇଁ ମୋତେ ଫୁଲବ୍ରାଇଟ୍ ସ୍କଲାରଶିପ ମିଳିଥିଲା, ଯାହା ମୋ’ ଲାଗି କେବଳ ଅବିସ୍ମରଣୀୟ ନ ଥିଲା ବରଂ କଳ୍ପନାର ବାହାରେ ଥିଲା। ଫୁଲବ୍ରାଇଟ୍ ସମ୍ମାନ ପାଇବା ପରେ ମୁଁ ଜଣେ ଓଡ଼ିଆ ଏବଂ ଭାରତୀୟ ଭାବରେ ଜାତୀୟ ଅନ୍ତର୍ଜାତୀୟ ଶିକ୍ଷା, ସଂସ୍କୃତିରେ ଅଧିକତର ଭାବେ ସ୍ୱୀକୃତି ଲାଭର ସୁଯୋଗ ପାଇଛି। ଏହା ଆଗାମୀ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ମୋର ଆଶା। ବିଶେଷକରି ମୋର ପରଲୋକଗତ ମାତା ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀ, ପିତା ଓଡ଼ିଶା ସରକାରଙ୍କ ପୂର୍ବତନ ଅର୍ଥ ପରାମର୍ଶଦାତା ପଞ୍ଚାନନ ମହାନ୍ତି ଏବଂ ସର୍ବୋପରି ଦିବ୍ୟଜନନୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

**ପ୍ରଶ୍ନ: ଏହି ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ୍ ପ୍ରୋଗ୍ରାମ୍ ଦ୍ୱାରା ଭାରତ କିପରି ଲାଭଦାୟକ ହୋଇପାରିବ ?**

ଉତ୍ତର: ଯୁକ୍ତରାଷ୍ଟ୍ର ଆମେରିକା ଶିକ୍ଷା କ୍ଷେତ୍ରରେ ପୃଥିବୀରେ ପ୍ରସିଦ୍ଧି ଲାଭ କରିଛି। ଆମେରିକୀୟ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସବୁଠୁ ଉତ୍ତମ ଛାତ୍ର ଓ ପ୍ରଫେସରମାନଙ୍କୁ ନିୟୋଜିତ କରୁଛି। ଭାରତୀୟମାନେ ସେଠାରୁ ଶିକ୍ଷାଲାଭ କଲେ ସେହି ଶିକ୍ଷା ମାଧ୍ୟମରେ ଭାରତର ବିକାଶ କରାଇପାରିବେ। ସେହିପରି ଆମେରିକାର ଶିକ୍ଷାବିତ୍ ଏବଂ ଛାତ୍ରୀଛାତ୍ର ଭାରତରୁ ଶିକ୍ଷାଲାଭ କରି ଆମେରିକାରେ ଭାରତ ସମ୍ପର୍କରେ ଏକ ସୁସ୍ଥ ଭାବନା ପ୍ରକାଶ କରିପାରିବେ। ଦୁଇ ଦେଶ ମଧ୍ୟରେ ଉତ୍ତମ ବୁଝାମଣାରେ ଏହା ସହାୟକ ହେବ। ତେବେ ଆମେରିକୀୟ ଶିକ୍ଷା ପଦ୍ଧତିରେ ମୌଳିକତା, ପ୍ରଶ୍ନ ଦ୍ୱାରା ଜିଜ୍ଞାସୁଭାବ ସୃଷ୍ଟି ସହ ସେଠାରେ ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କୁ ଗୁରୁତ୍ୱ ଦିଆଯାଇଥାଏ। ପୁସ୍ତକ ଜ୍ଞାନ ଅପେକ୍ଷା ବାହ୍ୟ ଜ୍ଞାନ ଓ ପ୍ରୟୋଗାତ୍ମକ ଜ୍ଞାନକୁ ଅଧିକ ଗୁରୁତ୍ୱ ଦିଆଯାଏ; ଯଦ୍ୱାରା ପାଠପଢ଼ା ଶେଷ ପରେ ଆମେରିକାର ଛାତ୍ରୀଛାତ୍ର ସ୍ୱାବଲମ୍ବୀ ହୋଇ ନିଜକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଥାଆନ୍ତି।

**ପ୍ରଶ୍ନ: ଅନ୍ତର୍ଜାତୀୟବାଦ ପ୍ରତି ଆପଣ କାହିଁକି ଆକର୍ଷିତ ହେଲେ? ଏହା ଆମ ରାଜ୍ୟ ତଥା ଦେଶକୁ କିଭଳି ସାହାଯ୍ୟ କରିପାରିବ ବୋଲି ଭାବୁଛନ୍ତି ?**

ଉତ୍ତର: ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ, ରବୀନ୍ଦ୍ରନାଥ ଠାକୁର, ଗାନ୍ଧୀ-ନେହେରୁ ତଥା ଦେଶ ବିଦେଶର ଚିନ୍ତାନାୟକମାନେ ଅନ୍ତର୍ଜାତୀୟବାଦ (ଇଣ୍ଟରନ୍ୟାଶନାଲିଜମ୍)କୁ ପ୍ରାଧାନ୍ୟ ଦେଇଆସିଛନ୍ତି। କିଛି କ୍ଷେତ୍ରରେ କୁହାଯାଏ ଯେ ଯେଉଁମାନେ ଶିକ୍ଷିତ, ସେମାନେ ବିଶ୍ୱର ନାଗରିକ (ସିଟିଜେନ୍ସ ଅଫ ଦି ୱାର୍ଲ୍ଡ)। ଆମ ପରମ୍ପରାରେ କୁହାଯାଇଛି, ‘ବସୁଧୈବ କୁଟୁମ୍ବକମ୍’। ଜାତି, ଧର୍ମ, ଭାଷା ଓ ଆଞ୍ଚଳିକତାର ଊର୍ଦ୍ଧ୍ୱକୁ ଯିବା ପାଇଁ ମଣିଷ ସମାଜର ଚିରନ୍ତନ ସ୍ପୃହା ରହିଛି। ଆଜି ହୃଦୟଙ୍ଗମ କରୁଛୁ ଯେ ଶିକ୍ଷା, ପରିବେଶ, ସଂସ୍କୃତି, ଭାଷା ହେଉ ଅବା ପରିବାର- ଆମେ ସମସ୍ତେ ପୃଥିବୀର ନାଗରିକ। ଯେଉଁ ଦେଶ ସଂକୀର୍ଣ୍ଣ ଆଞ୍ଚଳିକତାବାଦରେ ବିଶ୍ୱାସ କରେ, ସେ ଦେଶ ପଛୁଆ। ଆଞ୍ଚଳିକ ଓ ଅନ୍ତର୍ଜାତୀୟ ଭାବର ସମନ୍ୱୟ ଘଟିଲେ ଏକ ସୁସ୍ଥ ପରମ୍ପରା ସୃଷ୍ଟି ହୁଏ। ସେଥିଲାଗି ଆଜିକାଲି ଉନ୍ନତ ଦେଶ ଅନ୍ତର୍ଜାତୀୟତାକୁ ମିଳିତ ଜାତିସଂଘ ଏବଂ ଅନ୍ୟ ଫୋରମ୍ ମାଧ୍ୟମରେ ପ୍ରଚଳନ କରୁଅଛନ୍ତି। ତେଣୁ ସମୟ ଆସିଛି ସମସ୍ତ ମାନବସମାଜ ଏକତ୍ରିତ ହେବା ଜରୁରୀ। ମୋ’ ମତରେ ଫୁଲବ୍ରାଇଟ୍ ସମ୍ମାନ ଅନ୍ତର୍ଜାତୀୟବାଦର ଏକ ଉତ୍ତମ ନମୁନା।

**ପ୍ରଶ୍ନ: ଆପଣ ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ ଏଜୁକେଶନରେ ଶିକ୍ଷାଗ୍ରହଣ କରିଛନ୍ତି। ଆପଣଙ୍କ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିବାରେ ଏହାର ଅବଦାନ ସମ୍ପର୍କରେ କିଛି କହିବେ ?**

ଉତ୍ତର: ଭାରତୀୟ ପରମ୍ପରା ଏବଂ ପାଶ୍ଚାତ୍ୟ ସଭ୍ୟତାର ଉଚ୍ଚତର ମୂଲ୍ୟବୋଧର ସମନ୍ୱୟରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠିତ। ଏହି ଶିକ୍ଷାକେନ୍ଦ୍ରର ବିଶେଷତ୍ୱ ୧- ପୂର୍ଣ୍ଣାଙ୍ଗ ଶିକ୍ଷା- ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ, ୨- ବିଭିନ୍ନ ବିଷୟରେ ଜଣେ ନିଜର ସ୍ପୃହା ଓ କ୍ଷମତା ଅନୁସାରେ ବିଭିନ୍ନ କ୍ଲାସରେ ପଢ଼ିପାରେ, ୩- ଶାରୀରିକ ଶିକ୍ଷା ବାଧ୍ୟତାମୂଳକ, ୪- ପ୍ରତ୍ୟେକ କ୍ଲାସରେ ୫ରୁ ୧୦ ପିଲା ପଢ଼ନ୍ତି, ୫- ବାର୍ଷିକ ପରୀକ୍ଷା ନାହିଁ। ତେବେ ‘ଉଷା ନଗରୀ’ ଅରୋଭିଲର ସ୍ଥାପନର ଅନୁଭୂତି ମୋର ଅଛି। ମୋ’ ଜନ୍ମଦିନରେ ଶ୍ରୀମା’ଙ୍କ ସହ ବାର୍ତ୍ତାଳାପର ଅପୂର୍ବ ସୁଯୋଗ ମୋତେ ମିଳିଛି।

**ପ୍ରଶ୍ନ: ଏବେ ସମାଜରେ ପିଲାମାନଙ୍କ ଶିକ୍ଷା ନେଇ ଶିକ୍ଷକ- ଅଭିଭାବକମାନେ ଚିନ୍ତିତ। ଏ ସମ୍ପର୍କରେ ଆପଣଙ୍କର ମତ କ’ଣ ?**

ଉତ୍ତର: ବର୍ତ୍ତମାନ ଶିକ୍ଷାରେ ଶ୍ରେଣୀଗୃହରେ ସକ୍ରେଟିସ୍‌ଙ୍କ ପରି ଶିକ୍ଷକତା ନ କରି ପିଲାମାନଙ୍କ ଉପରେ ଯାନ୍ତ୍ରିକ ବୋଝ ଲଦି ଦିଆଯାଉଛି। ସ୍ମାର୍ଟ କ୍ଲାସରୁମ୍, ସ୍ମାର୍ଟଫୋନ, କମ୍ପ୍ୟୁଟର ଇତ୍ୟାଦି ଶିକ୍ଷାରେ ସହାୟତା କରେ, କିନ୍ତୁ ଜଣେ ଉତ୍ତମ ଶିକ୍ଷକର ସ୍ଥାନ କଦାପି ନେଇ ନ ପାରେ; ଯାହାଫଳରେ ପିଲାମାନଙ୍କର ସ୍ନେହ, ଶ୍ରଦ୍ଧା, ଜିଜ୍ଞାସୁଭାବ, ପରସ୍ପର ପ୍ରତି ଆନ୍ତରିକତା, ଗୁରୁଜନ, ପରମ୍ପରା ପ୍ରତି ସମ୍ମାନ ଧୀରେ ଧୀରେ ଲୋପ ପାଇଯାଉଛି। ବାପା-ମା’ଙ୍କର ଧନ ଅର୍ଜନର ଅହରହ ଆସକ୍ତି ଏବଂ ଏକ ବସ୍ତୁବାଦୀ ଜୀବନଯାପନ ଲାଗି ବାଧ୍ୟ ପରିବେଶ ଯୋଗୁ କୋମଳମତି ପିଲାମାନେ ସ୍ନେହରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୂର କରିବା ଲାଗି ମଣିଷ ଜୀବନର ଲକ୍ଷ୍ୟ କ’ଣ ତାହା ଆବିଷ୍କାର କରିବାକୁ ପଡ଼ିବ। ଆଦର୍ଶ ଶିକ୍ଷା ଦ୍ୱାରା ଏକ ଆଦର୍ଶ ସମାଜ କିପରି ଗଠନ କରାଯାଇପାରିବ ଏବଂ ମଣିଷ କିପରି ଅନ୍ତର୍ମୁଖୀ ହୋଇପାରିବ, ସେଥିପାଇଁ ଚିନ୍ତା କରିବାର ସମୟ ଆସିଛି। ଏ ବିଷୟରେ କିଛିଟା ଜ୍ଞାନ ଓ ଅନୁଭୂତି ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପୃଥିବୀର ଅନ୍ୟ ଉଚ୍ଚତର ଅନୁଷ୍ଠାନ ଏବଂ ଫୁଲବ୍ରାଇଟ୍ ସ୍କଲାରଶିପ୍ ମାଧ୍ୟମରେ ଅନ୍ତର୍ଜାତୀୟ ଶିକ୍ଷାରୁ ଆଭାସ ପାଇଛି। ଜଣେ ଶିକ୍ଷକ ହିସାବରେ ଶିକ୍ଷା କ୍ଷେତ୍ରରେ ଅବଲେଖନୀ ମାଧ୍ୟମରେ ବିତରଣ ଲାଗି ଯତ୍ପରୋନାସ୍ତି ଚେଷ୍ଟା କରିଛି।

**ପ୍ରଶ୍ନ: ଏବେ ସମୟ କିଭଳି ବିତୁଛି ?**

ଉତ୍ତର: ତଥାକଥିତ ଅବସର ଚିନ୍ତାଧାରାରେ ମୁଁ ବିଶ୍ୱାସ କରେନା। ଶ୍ରୀଅରବିନ୍ଦ କହିଛନ୍ତି, ‘ସମଗ୍ର ଜୀବନ ହେଉଛି ଯୋଗ ଏବଂ ସମଗ୍ର ଜୀବନ ହେଉଛି ଶିକ୍ଷା’। ପାଠ ପଢ଼ିବା ସହ ମନରେ ଜ୍ଞାନ, ନୂତନତ୍ୱ ଏବଂ ଆବିଷ୍କାର ପ୍ରତି ଆଗ୍ରହ ରହିବା ଦରକାର। ମୋ’ ଜୀବନରେ ମୁଁ ଆଜି ପର୍ଯ୍ୟନ୍ତ ଯାହା କରିଆସୁଥିଲି ତାହା ଅବ୍ୟାହତ ରଖିଛି। ଲେଖାପଢ଼ା, ଜର୍ନାଲ ପବ୍ଲିକେଶନ, ଛାତ୍ରୀଛାତ୍ରଙ୍କୁ ସୁବିଧାକ୍ରମେ ସାହାଯ୍ୟ ଏବଂ ସାମାଜିକ ସଂହତି ରକ୍ଷାରେ ସମୟ ଅତିବାହିତ ହେଉଛି। ମୋର ଆଶା ଓ ବିଶ୍ୱାସ, ମୋ’ ମାତାପିତା ତଥା ସମାଜର ଆଦର୍ଶ ବ୍ୟକ୍ତିଙ୍କ ଭଳି ଏହି ଜୀବନଶୈଳୀ ଶେଷ ପର୍ଯ୍ୟନ୍ତ ସମାଜ କାମରେ ବିନିଯୋଗ ହେବ।

ସାକ୍ଷାତ୍କାର: ଶୁଭ୍ର ପ୍ରକାଶ ମହାପାତ୍ର

ଫଟୋ: ମୌସମ ନନ୍ଦ

# ଦେଶର କଥା ଓ ବ୍ୟଥା

–ସତ୍ୟରଂଜନ ପ୍ରହରାଜ

ଆଜି ବି କେବେକେବେ
ଖୋଜିବାକୁ ପଡ଼େ ସ୍ୱାଧୀନତା
ଭୋକରେ, ବେକାରିରେ, ସ୍ତୁତିରେ
ନେଳିଲଗା ସରକାରୀ ଅଫିସ ପିଣ୍ଡାରେ,
ଖୋଜିବାକୁ ହୁଏ ନିର୍ବାଚିତ ଈଶ୍ୱରଙ୍କୁ
ସଦ୍ୟବିଧବାର ନୀରବତା ଓ
ନାବାଳିକାର ଧର୍ଷିତ ଦେହରେ ।

ଭୋଗିବାକୁ ପଡ଼େ ଏକ ଅଦୃଷ୍ଟକୁ
ଆଁ କରି ଚାହିଁଥିବା ଭିଟାମାଟି
ଅବା ଉଜୁଡ଼ା ଧାନର କ୍ଷେତରେ,
କେବେ ପୁଣି ଭଙ୍ଗା ମନ୍ଦିର ଓ ମସ୍‌ଜିଦର
ପଛପଟେ କୁହୁଳୁଥିବା
ଦଙ୍ଗା ଓ ସନ୍ତ୍ରାସର ବାରୁଦ ଗନ୍ଧରେ ।

ଏଠି ତ୍ରିରଙ୍ଗାକୁ ଚାହିଁଚାହିଁ
କେହି ଯେବେ ଗାଉଥାଏ ବଳିଦାନ ଗୀତ,
ଆଉ ଜଣେ ଚାହିଁଥାଏ
ତା' ପୁଅର ଫେରିଲା ବାଟକୁ
ଯିଏ ଦାଦନର ପରାଧୀନ ଇଲାକାରେ
କେବେଠାରୁ ନିଖୋଜ ଘୋଷିତ ।
ଏଇ ଦେଖ
ପତାକା ତଳେ ବସିଛି ବୋଧେ ସେ ନିଖୋଜ ପୁଅଟା
ଆହା...କେତେ ଖୁସିରେ ଗାଉଛି ସେ
ଜୟ ହେ ଜୟ ହେ ଜୟ ହେ
ଭାରତ ଭାଗ୍ୟ ବିଧାତା !!

–ଲେନ୍ ନଂ. ୬, ଏରୋଡ୍ରମ୍ ଏରିଆ
ଭୁବନେଶ୍ୱର – ୭୫୧୦୨୦
ମୋ – ୯୬୫୮୪୧୩୫୩୪

# ଝଣ୍ଡା ଊଚା ରହେ ହମାରା

ଓଁ ଅଭିଜ୍ଞାନ ସାହୁ

ଏଥର ବିଦ୍ୟାନଗରୀ ଯୁବକ ସଂଘର ଜରୁରିକାଳୀନ ବୈଠକର ମୁଖ୍ୟ ପ୍ରସଙ୍ଗ ଥିଲା ଆମ ଗ୍ରାମରେ ସ୍ୱାଧୀନତା ଦିବସ ପାଳନ । ନରି ଭାଇଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକକୁ ସଂଘର ସମସ୍ତ ଯୁବକଙ୍କୁ ଆସିବାକୁ ଆଗରୁ ନୋଟିସ୍ ଜାରି ହୋଇଥିଲା । ପିଲାଟି ଦିନରୁ ଅଭାବରେ ବଢ଼ିଥିବା ନରି ଭାଇ ଓରଫ ନରେନ୍ଦ୍ର ପ୍ରଧାନ ଏବେ ଆମ ଗାଁର ସବୁଠୁ ବଡ଼ ମାମଲତକାର । ବଜାର ଭିତରେ ରାସ୍ତା ଦୁଇକଡ଼େ ଯେତେକ ସରକାରୀ ଜାଗା ଅଛି ସେଥିରେ ଧାଡି କରି କ୍ୟାବିନ ପକେଇ ଭଲ ଦି' ପଇସା ଭଡ଼ାରେ ଆଣନ୍ତି ନରି ଭାଇ । ନିଦରୁ ଉଠି ମଦରେ ମୁହଁ ଧୋଇବା ଲୋକ ସେ । ଲାଇସେନ୍ସ ନେଇ ଗାଁ ମୁଣ୍ଡରେ ଗୋଟେ ବିଦେଶୀ ମଦ ଦୋକାନ ଖୋଲିଛନ୍ତି । ନିଜେ କେବେ କୌଣସି ନିର୍ଦ୍ଦିଷ୍ଟ ରାଜନୀତି ଦଳରେ ମିଶନ୍ତିନି ବରଂ ସବୁ ରାଜନୀତି ଦଳବାଲା ତାଙ୍କ ସହ ଲଟର ପଟର ହେଉଥାନ୍ତି । କିଏ ଗୋଟେ ହାବୁଡ଼ିଗଲେ ତାକୁ ସଫେଇ ଦିଅନ୍ତି, 'ପଇସା ଭଉତୁ କମେଇଲି । ଏବେ ଦେଶ ପାଇଁ କିଛି କରିବି ।' ଆଗରୁ କହୁଥିଲେ, 'ଜୟ ଜଗନ୍ନାଥ', ଏବେ ଦେଖିଲେ କହୁଛନ୍ତି 'ବନ୍ଦେ ମାତରମ୍ ।' ତାଙ୍କ ଦେଶଭକ୍ତି ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଅପେକ୍ଷା ନେତାଜୀଙ୍କ ସଶସ୍ତ୍ର ଆନ୍ଦୋଳନରେ ଅଧିକ ବିଶ୍ୱାସ ରଖେ । ଖାସ୍ ତାଙ୍କରି ପ୍ରଭାବରେ ବାପଅଜା ଅମଳରୁ ଅହିନକୁଳ ସମ୍ପର୍କରେ ଥିବା ପଡ଼ିଶା ଗାଁ ପାର୍ବତୀପୁର ଲୋକେ ଆଖି ଉଠେଇ ଏ ଗାଁକୁ ଦେଖନ୍ତିନି ।

ସନ୍ଧ୍ୟା ଆଳତି ପରେ ନରିଆ ଭାଇ ମିଟିଂ ଆରମ୍ଭ କଲେ,'ଗତଥର ଅଗଷ୍ଟ ପନ୍ଦରକୁ ପାର୍ବତୀପୁରବାଲା ଆମ ଗାଁର ଇଜ୍ଜତ ମାଟିରେ ମିଶେଇ ଦେଲେ । ପାଞ୍ଚ ପଚାଶ ପଛେ ଅଧିକ ଖର୍ଚ୍ଚ ହେଉ ଏଥର ଯେମିତି ଆମ ଗାଁର ଟେକ ରହିବ ସେଇଆ ଦେଖ ।' ଭାଇଙ୍କ ଡାହାଣହାତ ଗେଡ଼ା ଶଙ୍କରା ଫୁଲ୍ ଗରମ ଖାଇଯାଇ କହିଲା, ''ସେ ବାଟେ ଗଲାବେଳେ ଯେତେବେଳେ ତାଙ୍କ ପତକା ନଜରରେ ପଡ଼େ ମୋ ହାଡ଼ ଜଳିଯାଏ । ଇଚ୍ଛା ହୁଏ ସେ ପତକାକୁ ଆଣି ଧୁନ୍ ଧୁନା କରି ଫୋପାଡ଼ି ଦିଅନ୍ତି । ଭାଇ ଯାହାହେଉ ପଛେ ଜାନ୍ ଯାଉ କିନ୍ତୁ ମାନ୍ ରହୁ ।'' ଦେଶ ସ୍ୱାଧୀନତା ଆନ୍ଦୋଳନରେ ଜାତୀୟ ପତାକା ପାଇଁ ଯେତିକି ଗରମ ସ୍ୱାଭିମାନ ଆମ ସ୍ୱାଧୀନତା ସଂଗ୍ରାମୀଙ୍କ ଭିତରେ ଦେଖାଯାଇ ନ ଥିଲା ତାଠୁ ଅଧିକ ଆମ ମିଟିଂରେ ଥିବା ଯୁବକମାନଙ୍କ ଭିତରେ ଉବେଇ ଟୁବେଇ ହେଉଥିଲା । ଗାତ୍ରଦାହର କାରଣ ହେଲା ଗତ ସ୍ୱାଧୀନତା ଦିବସରେ ପାର୍ବତୀପୁରବାଲା ଗୋଟେ ବିଶାଳ ଜାତୀୟ ପତାକା ଉତ୍ତୋଳନ କରି ମାସ୍‌ମିଡିଆରେ ଛାଇ ଯାଇଥିଲେ । ଏଯାଏ ତୁନି ପଡ଼ିଥିବା ବେନୁଆ କହିଲା, 'ଭାଇ ଆମ ପିନୁଆ ପାଖରେ ତାଙ୍କ ପତାକାର ଧଜିଆ ଉଡ଼େଇଦେଲା ଭଳି ପ୍ଲାନ ଅଛି ।' ପିନୁଆ ଆଡ଼କୁ ସମସ୍ତେ ଚାହିଁଲେ । ଯେମିତି ଦୁଇ ଶହ ବର୍ଷ ଧରି ଗୋଲାମି ସହିଥିବା ଦେଶବାସୀଙ୍କୁ ଇଂରେଜଙ୍କୁ ହଟାଇବା ଇଲମ ମିଳିଗଲା । ବେନୁଆଦି ପିନୁଆକୁ ଚାହିଁ କହିଲା 'ପୁଅ, ତୁ ତ ଆମର କଲେଜ ଯାଇ ନଲେଜ ଆଣିଛୁ, କ'ଣ ପ୍ଲାନ କରିଛୁ ସମସ୍ତଙ୍କୁ କହ ।' ପିନୁଆ ପାନଖିଆ ଦାନ୍ତ ଭାଡ଼ିକ ଦେଖେଇ କହିଲା ''ଭାଇ ପାର୍ବତୀପୁରବାଲାଙ୍କ ପ୍ଲାନିଂ ତ ଦିନ କେଇଟାରେ ମାଡ଼ ଖାଇଗଲା । ମୋଟା ଖଦି କନାରେ ତିଆରି ତିରିଶ ଫୁଟିଆ ପତାକାର ଗଲା ତୁଫାନରେ ଫାଳେ ଉଡ଼ିଗଲା ପଛେ ଅଗଷ୍ଟ ପନ୍ଦରରେ ଇଞ୍ଚେ ବି ଦୋହଲିଲାନି । ଉପରେ ପୁଣି ଦୁଇଟା ଖରା କି ବର୍ଷା ଖାଇନି କନାରୁ ରଙ୍ଗ ଉଡ଼ିଗଲାଣି । ମୋ ପ୍ଲାନିଂ ହେଲା ପଚାଶ ଫୁଟର ଇମ୍ପୋଟେଡ୍ ଚାଇନିଜ ସିଲ୍କ କନାରେ ଆମେ ପତାକା କରିବା । ହାଲ୍‌କା ରହିବ । ରଙ୍ଗ ବି ଉଡ଼ିବ ନାହିଁ । ଅଳ୍ପ ପବନରେ ଆମ ବାନା ଫରଫରେଇବ । ମଝିରେ ଭଲ ନାଇଲନ ସୂତାରେ ଏମ୍ବ୍ରଡରିରେ ଚକ କରିଦେବା । ପତାକା ଥିବା ଯାଏ ମଝି ଚକ ଖାଲି ଚମକୁଥିବ । ତାକୁ କାଳିଆ ଜେଜେଙ୍କ ତିନିତାଲା ଘର ଛାତ ଉପରେ ଯେଉଁ ମୋବାଇଲ ଟାୱାର ଅଛି ତା' ଅଗରେ ବାନ୍ଧିଦେବା । ଯେମିତି ପାର୍ବତୀପୁରବାଲାଏ ତାଙ୍କ ପାଇଖାନା ଜଳା ବାଟେ ବାହାରକୁ ଅନେଇଲେ ବି ଆମ ପତାକା ତାଙ୍କୁ ଦିଶିବ । ତଳେ ମୋଟର ବସେଇ ସୁଇଚ ଦ୍ୱାରା ପତାକା ଉଠେଇବା ଏବଂ ଖସେଇବା । ତାକୁ ତାଳ ଦେଇ ଡିଜେରୁ ଜନଗଣ ବଜେଇବା । ଗୋଟେ ସାଇଡ୍‌ରେ ଦୀପ ଭୋଗ ସାମଗ୍ରୀର ଦୋକାନ, ଆର ସାଇଡ୍‌ରେ ଜାତୀୟ ପତାକା ବ୍ୟାକ ଗ୍ରାଉଣ୍ଡ ସହ ଲଭ କଟ୍‌ଆଉଟରେ ଗୋଟେ ସେଲ୍ଫି ଜୋନ ରଖିବା । ପିଲାମାନେ ଗାଲରେ ପତାକା ରଙ୍ଗେଇ ସେଠି ସେଲ୍ଫି ନେବେ । ମେଳଣ ପଡ଼ିଆରେ ପାଞ୍ଚ ଦିନ ମିନାବଜାର ଖୋଲିବ । ସକାଳ ବେଳା ସ୍କୁଲ ଛୁଆଙ୍କ ଚିତ୍ରାଙ୍କନ ପ୍ରତିଯୋଗିତା, ସନ୍ଧ୍ୟାରେ କଲେଜ ପିଲାଙ୍କ ଫେଶନ ଶୋ କରିବା । ସାମ୍ବାଦିକଙ୍କ ପାଇଁ ଖାନାପିନା ବ୍ୟବସ୍ଥା ରଖିଲେ ସପ୍ତାହ ଯାକ ଆମ ଗାଁ ଖବର ରଙ୍ଗିନ ଫଟୋ ସହ ବାହାରିବ । ସେଦିନ ସକାଳେ ଯଦି ଲଡୁ ବଦଳରେ ସମସ୍ତଙ୍କ ପାଇଁ ପୁଡ଼ିଆ ବ୍ୟବସ୍ଥା କରିପାରିବା ତେବେ ସ୍କୁଲକୁ ବୁନ୍ଦି ଖାଇବାକୁ ପିଲାମାନେ ନ ଯାଇ ଆମ ଜାଗାକୁ ଜନ୍ଦା ଭଳି ବେଢ଼ି ଯିବେ ।'' 'ଭାରତ ମାତା କୀ ଜୟ','ମହାତ୍ମା ଗାନ୍ଧୀଙ୍କ ଜୟ' କହିବାକୁ ପିଲା ଅଭାବ ହୁଅନ୍ତେନି । ଯଦି ସବୁ ଠିକ୍ ଠିକ୍‌ରେ ନେଇ ଆଣି ଥୋଇ ପାରିବ ତାହାହେଲେ ଏମେଲେ ଛାଡ଼ ଖୋଦ୍ ଗଭର୍ନର ଆସି ଆମ ନରି ଭାଇ ସାଙ୍ଗରେ ହାତ ମିଳେଇ କି ଯିବେ ।' ନରି ଭାଇ ସନ୍ତୁଷ୍ଟ ଦିଶିଲେ । କହିଲେ, ''ଏବେଠୁ କାମରେ ଲାଗିଯାଅ । ଅର୍ଥ ନିୟଣ୍ଟ ପାଇଁ ଚିନ୍ତା କରିବନି, ମୁଁ ଅଛି । କିନ୍ତୁ ସକାଳ ବେଳା ପତାକା ଉଡ଼େଇବା ପ୍ରୋଗ୍ରାମରେ ମୁଁ ରହିପାରିବିନି । ସେଦିନ ରବିବାର ଶଟ୍‌ଡାଉନକୁ ଅଗଷ୍ଟ ପନ୍ଦର ମଦ ଦୋକାନ ବନ୍ଦ । ଦୋକାନ ପଛ ପଟେ ଚଢ଼ା ରେଟ୍‌ରେ ଏଇ ବେପାର ଭଲ ଚାଲେ । ନିଜେ ନ ରହିଲେ ନାନା ଝମେଲା । ପୋଲିସ ମଉକା ଶୁଙ୍ଘି ହାଜର ହୋଇଯିବ ।'' ନରି ଭାଇ ଛତ୍ରଛାୟା ତଳେ ଜମି ଦଲାଲି କରୁଥିବା ଗୋଲିଆଦି କହିଲା ''ଏହେ ଏଇଟା ଗୋଟେ କି କଥା ! ଏତେ ମିଡିଆବାଲା ଆସିବେ ତୁମେ ନ ରହିଲେ କ'ଣ ଫଟୋ ରଚିବ ? ଏଇଟା ସତ, ତୁମ ବେପାର କଥା ଆଗ । ସକାଳେ ପତାକା ନ ଉଡ଼ିଲେ କ'ଣ ଜାତି ଚାଲିଯାଉଛି ? ତୁମେ ବ୍ୟସ୍ତ ହୁଅନି । ଏମିତିରେ ପ୍ରଥମ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନ ବେଳେ କୋଉ ଗାନ୍ଧିଜୀ ସେଠାରେ ଥିଲେ ? ଅଗଷ୍ଟ ପନ୍ଦର ଦିନଟା ଯାକ ପଡ଼ିଛି । ଖାଇ ପିଇ ଆରାମରେ ଆମେ ପତାକା ଉଡ଼େଇବା । ସହଜେ ସେଦିନ ରବିବାର । ସକାଳୁ ମାଉଁସ ଦୋକାନ ନ ଗଲେ ଆଉ ଭଲ ଜିନିଷ ମିଳିବନି । ଦିନଯାକ ମାଇପ ଗଞ୍ଜଣା ଦେଉଥିବ– କି ବେଳାରେ ଏ ଲୋକ ହାତ ଧରିଲି କେଜାଣି ଏତେ ବଡ଼ ଅଗଷ୍ଟ ପନ୍ଦର ଦିନରେ ମଣିଷ ପାଟିରେ ଟିକେ ଆଇଁସ ବାଜିଲାନି ।'' ନରି ଭାଇ କ'ଣ ଟିକେ ଭାବି କହିଲେ, ' ଠିକ୍ ଅଛି ଟିଭି ବାଲା ଆସିଲେ ମୋତେ ଖବର ଦେଇଦେବ, ମୁଁ ଆସି ପହଞ୍ଚିଯିବି ।' ଶେଷରେ ତିନିଥର 'ବନ୍ଦେ ମାତରମ୍' ସ୍ଲୋଗାନ ଦିଆଯିବା ପରେ ସଭା ସାଙ୍ଗ ହେଲା ।

–ବନମାଳୀ ଭବନ, ଖାନନଗର, କଟକ
ମୋ: ୯୪୩୭୦୧୦୭୫୮





ଅମର

# ହୀରାଲାଲ୍ ମୋତିଲାଲ

କମେଡିଆନ୍ ଅମର ମହାପାତ୍ର। ବେଶ୍ କେତୋଟି ସିନେମା ଏବଂ ଧାରାବାହିକାରେ ନିଜର ଅଭିନୟ ଦକ୍ଷତା ଦେଖାଇବା ପରେ ଏବେ ତାଙ୍କୁ ନୂଆ ଅବତାରରେ ଦେଖିବାକୁ ମିଳିବ। କଥା କ'ଣ କି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ହୀରାଲଲ ମୋତିଲାଲ୍'ରେ ସେ ନାୟକ ସାଜିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଅଫରଟି ମୋତେ ମିଳିଲା ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନଥିଲି। ଏଥିରେ ମିଳିଥିବା ଭୂମିକାଟି ମୋ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। କେବଳ ସେତିକି ନୁହେଁ, ଏହାର କାହାଣୀ, ଉପସ୍ଥାପନା ଏବଂ ସଙ୍ଗୀତ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ବିଶ୍ୱାସ ରହିଛି ।'

ଖାସ୍ କଥା ହେଲା ଆଉ ଜଣେ ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ଅମ୍ରିତା। ସଚ୍ଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ଗଡ଼ନାୟକ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଅମର-ଅମ୍ରିତାଙ୍କ ବ୍ୟତୀତ ବାଳକୃଷ୍ଣ, ଗୁଣ୍ଡୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା-ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



'ବଚ୍ଚନ ପାଣ୍ଡେ' ଚଳଚ୍ଚିତ୍ରରେ ଅକ୍ଷୟ କୁମାର-କ୍ରିତି ସାନନ୍

# ଦୀପାବଳୀକୁ ଅପେକ୍ଷା

ଅକ୍ଷୟ କୁମାରଙ୍କ ଅଭିନୀତ 'ବଚ୍ଚନ ପାଣ୍ଡେ' ପରଦା ଉପରକୁ ଆସିବ। ବେଶ୍ କିଛି ଦିନର କଳ୍ପନା ଜଳ୍ପନା ପରେ ଏହି ଫିଲ୍ମର ରିଲିଜ ଡେଟ୍ ଫାଇନାଲ ହୋଇଛି। ଏହି ଖବର ପାଇବା ପରେ କ୍ରିତି ସାନନଙ୍କ ଖୁସି ଦେଖେ କିଏ। କାରଣ ଏହି ଫିଲ୍ମକୁ ନେଇ ସେ ବହୁତ ଆଶା ବାନ୍ଧିଛନ୍ତି। ଏହାର ୫୫ ଦିନ ଅବଧିବିଶିଷ୍ଟ ଶୁଟିଂ ନିକଟରେ ଶେଷ ହୋଇଛି। ତା' ସହ ଉକ୍ତ ସିନେମାର ପୋଷ୍ଟ ପ୍ରଡକ୍ସନ କାମ ଆରମ୍ଭ ହୋଇଯାଇଛି। ଫିଲ୍ମ ସମ୍ପର୍କରେ କ୍ରିତି କହନ୍ତି, 'ଯାହାହେଉ କୋଭିଡ୍ ପାଇଁ ବାଧାବିଘ୍ନ ସତ୍ତ୍ୱେ ଏହି ଫିଲ୍ମର ଶୁଟିଂ ଶେଷ ହୋଇଛି। ଏଥିରେ ମୋର ପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କୁ ଏକ ଭିନ୍ନ ଭୂମିକାର ଦେଖିବାକୁ ମିଳିବ। ତା'ସହ ଏହି ଫିଲ୍ମଟିକୁ ନେଇ ଅନେକ ଆଶା ରଖିଛି। ବାକି ସବୁକିଛି ଦର୍ଶକଙ୍କ ଉପରେ ନିର୍ଭର କରେ।' ସାଜିଦ ନାଦିଆଦୱାଲାଙ୍କ ପ୍ରଯୋଜିତ 'ବଚ୍ଚନ ପାଣ୍ଡେ'ର ନିର୍ଦ୍ଦେଶନା ଦେଇଛନ୍ତି ଫରହଦ ସାମଜୀ। ଅକ୍ଷୟ କୁମାର, କ୍ରିତି ସାନନଙ୍କ ବ୍ୟତୀତ ଜ୍ୟାକଲିନ୍ ଫର୍ନାଡିସ, ପ୍ରତୀକ ବବ୍ବର, ପଙ୍କଜ ତ୍ରିପାଠୀ ଏବଂ ଅର୍ସଦ ୱାର୍ସିଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ଅନୁତାପ କରୁଛନ୍ତି ସଞ୍ଜନା

ଥରେ ମନେ ପକାନ୍ତୁ ନା ପରଲୋକଗତ ସୁଶାନ୍ତ ସିଂ ରାଜପୁତଙ୍କ ଅଭିନୀତ 'ଦିଲ୍ ବେଚାରା' ସିନେମାକୁ। ଏଥିରେ ନାୟିକା ଭୂମିକାରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ ସଞ୍ଜନା ସାନ୍‌ଘି। ହେଲେ ଅଭିନୟ କରିବା ପୂର୍ବରୁ ସେ ବେଶ୍ କେତୋଟି ନାମୀ ବ୍ରାଣ୍ଡର ବିଜ୍ଞାପନରେ କାମ କରିଥିଲେ। କିନ୍ତୁ ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଲକ୍ଷ୍ୟ ଥିଲା ଅଲଗା। ଛାତ୍ରୀ ଜୀବନ ଶେଷ ହେବା ପରେ ସେ ସାମ୍ବାଦିକା ହେବାକୁ ଚାହୁଁଥିଲେ। ହେଲେ ବିଜ୍ଞାପନ ଦୁନିଆରେ ପ୍ରବେଶ କରିବା ପରେ ତାଙ୍କର ଏହି ଆଶା ପୂରଣ ହୋଇପାରି ନ ଥିଲା। ଏ ନେଇ ସଞ୍ଜନା କହନ୍ତି, 'ସ୍କୁଲ ଏବଂ କଲେଜରେ ମୁଁ ଭଲ ପାଠ ପଢୁଥିଲି। ଏପରି କି ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସେ ଗୋଲ୍ଡ ମେଡାଲ ପାଇଥିଲେ। ଭବିଷ୍ୟତରେ ଜଣେ ସାମ୍ବାଦିକା ହେବାକୁ ଆଶା ରଖିଥିଲି, ହେଲେ ତାହା ପୂରଣ ହୋଇପାରିଲା ନାହିଁ। ସେ ଜଣେ ଭଲ ଫିଚର ଲେଖିକା। ମାତ୍ର ୧୪ବର୍ଷ ବୟସରେ ସେ ଅଭିନୟରେ ଏଣ୍ଟ୍ରି କରିଥିଲେ। 'ରକଷ୍ଟାର' ସିନେମାରେ ସେ ନର୍ଗିସ ଫକ୍ରିଙ୍କ ସାନ ଭଉଣୀ ଭୂମିକାରେ ଅଭିନୟ କରିଥିଲେ। ସଞ୍ଜନା ମଧ୍ୟ ଜଣେ ଭଲ କଥକ ନୃତ୍ୟାଙ୍ଗନା।



ସଞ୍ଜନା

# ଚୁଜି ହେଲେଣି ପୂଜା

ହିନ୍ଦୀ ସିନେମା 'ମହେଞ୍ଜୋଦାରୋ'ରୁ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ପୂଜା ହେଗଡେ। ନିଜର ଆକ୍ଟିଂ କ୍ୟାରିୟରକୁ ନେଇ ସେ ବେଶ୍ ସଚେତନ। ଦେଖୁନାହାନ୍ତି, ନିକଟରେ ତାଙ୍କୁ ତିନୋଟି ଅଫର ମିଳିଥିଲା। ହେଲେ ସେଗୁଡିକ ମଧ୍ୟରୁ ସେ କେବଳ 'ସର୍କସ'କୁ ଚୟନ କରିଛନ୍ତି। ଏହି ଫିଲ୍ମରେ ସେ ରଣବୀର ସିଂଙ୍କ ନାୟିକା ସାଜିବେ। ଏଭଳି ସୁଯୋଗ ବିଷୟରେ ପୂଜା କହନ୍ତି, 'ରୋହିତ ସେଟ୍ଟିଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ଛୋଟିଆ କଥା ନୁହେଁ। ମୋତେ ଯେତେବେଳେ ଏହି ଅଫରଟି ମିଳିଲା ସେତେବେଳେ ତାହାକୁ ମୁଁ ଭଲ ଭାବରେ ତର୍ଜମା କରିଥିଲି। କେବଳ ସେତକି ନୁହେଁ, ରୋହିତଜୀ ମଧ୍ୟ ମୋତେ ଏହାର କାହାଣୀ, ଏଥିରେ ମୋ ଭୂମିକା ବିଷୟରେ ଭଲ ଭାବରେ ବୁଝାଇଥିଲେ। ଆଉ ଏକ କଥା। ଏହି ଫିଲ୍ମରେ ରଣବୀର ସିଂଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିଛି। ମୋର ଫେଭରାଇଟ୍ ଆକ୍ଟର ହେଉଛନ୍ତି ରଣବୀର। ଏ ପର୍ଯ୍ୟନ୍ତ ସେ ଅଭିନୟ କରିଥିବା ସମସ୍ତ ସିନେମା ମୁଁ ଦେଖିଛି ଏବଂ ସେ ଦିନେ ନା ଦିନେ ନାୟକ ତାଲିକାର ଶୀର୍ଷ ସ୍ଥାନରେ ପହଞ୍ଚିବେ ବୋଲି ଦୃଢ଼ ବିଶ୍ୱାସ ରହିଛି। ଶୁଟିଂ ସମୟରେ ତାଙ୍କ ସହ ଯେଉଁ ସମୟ ସେୟାର କରିଛି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।' ତେବେ 'ସର୍କସ'ରେ ପୂଜା ନିଜ ଅଭିନୟ ବଳରେ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।



ପୂଜା ହେଗଡେ

# ଚାଲିଛି ଗୁରୁ ଖୋଜା

ନୁସରତ ଭରୁଚା ଏବେ ଗୋଟିଏ କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି। ଅବଶ୍ୟ ଏପଟେ ଫିଲ୍ମର ଶୁଟିଂ ଚାଲିଛି। ହେଲେ ତା'ସହ ନିଜ ଆଶା ପୂରଣ କରିବାକୁ ସେ ପୁରା ଦମ୍‌ରେ ଅଣ୍ଟା ଭିଡିଛନ୍ତି। କଥା କ'ଣ କି ଗୀତ ଗାଇବାକୁ ମନ ବଳାଇଛନ୍ତି ଏହି ଅଭିନେତ୍ରୀ। ଶୁଟିଂ ଚାଲିଥିବା ଲଭ୍ ରଞ୍ଜନଙ୍କ ଅନଟାଇଟଲଡ୍ ଫିଲ୍ମରେ ସେ ଏବେ ଅଭିନୟ କରୁଛନ୍ତି। ଥରେ ଶୁଟିଂ ସେଟ୍‌ରେ ସେ ଗୁଣୁଗୁଣୁ ହୋଇ ଗୀତ ଗାଉଥିଲେ। ଏହାଦେଖି ୟୁନିଟ୍‌ର ସଦସ୍ୟମାନେ ତାଙ୍କୁ ଗୀତ ଗାଇବାକୁ ଉତ୍ସାହିତ କରିଥିଲେ। ଆଉ ତା'ପରେ ନୁସରତଙ୍କ ଖୁସି ଦେଖେ କିଏ ? ସେଦିନ ସେ ଏଥିପାଇଁ ଏପରି ଅନୁପ୍ରାଣିତ ହୋଇପଡିଥିଲେ ଯେ ଏବେ ଜଣେ ସଙ୍ଗୀତ ଗୁରୁ ସନ୍ଧାନରେ ଅଛନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଦିନେ ଅନୁକରଣ କରି ଗୀତ ଗାଉଥିଲି। ଏବେ ତ ଆଉ ଅଭ୍ୟାସ ନାହିଁ। ତଥାପି ଜଣେ ସଙ୍ଗୀତ ଗୁରୁ ମିଳିଗଲେ ଏହି ଆଶା ମୋର ପୂରଣ ହୋଇପାରିବ।' ତେବେ ନୁସରତ ନିଜକୁ ଜଣେ ଗାୟିକା ଭାବରେ କେତେ ପ୍ରତିପାଦିତ କରିପାରୁଛନ୍ତି ଦେଖିବାକୁ ବାକି ରହିଲା। ସୂଚନାଯୋଗ୍ୟ ଏହି ଫିଲ୍ମ ବ୍ୟତୀତ ଆଗକୁ ଆସୁଥିବା 'ରାମ ସେତୁ' ଏବଂ 'ଛୋରୀ' ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି।



ନୁସରତ

# ଅଧା ସପନରେ ପାହିଲା ରାତି, କେବେ ଆସିବ ମୋ ମଉନାବତୀ

**ପ୍ରଶ୍ନ**–ସେ ମୋ ସପନର ନାୟିକା। ହେଲେ କେତେବେଳେ ମୋ ମନରୁ ଚାଲିଯାଉଛି ଜାଣିପାରୁନି। ତାକୁ କେମିତି ପାଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

*–ସୁଜିତ ରାଉତ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଆପଣ ବୋଧହୁଏ ସପନ ରାଇଜରେ ଭାସି ବୁଲୁଛନ୍ତି। ଯେତିକି ସମୟ ସେହି ରାଇଜରେ ଆପଣଙ୍କ ସହ ପ୍ରେମିକା ଅଛି ବେଶ୍ ମଜା ଲାଗେ। ହେଲେ ଯେତେବେଳେ ସପନ ଭାଙ୍ଗିଯାଏ, ସେତେବେଳେ ମନଟା ଯେମିତି ପିତାପିତା ଲାଗେ। 'ଅଧା ସପନରେ ପାହିଲା ରାତି, କେବେ ଆସିବ ମୋ ମଉନାବତୀ'–ଏଇଆ ନା ! ବାସ୍, ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ। ହେଲେ ତା' ପୂର୍ବରୁ ବାସ୍ତବ ଦୁନିଆକୁ ଆସି ମନ ପସନ୍ଦର ମନର ସାଥୀ ଖୋଜନ୍ତୁ। ନ ହେଲେ ଏମିତି ରାତି ପାହି ଯାଉଥିବ ଆଉ ଆପଣ ସେହି ସପନର ନାୟିକାର ବାଟ ଚାହିଁ ବସିଥିବେ।

**ପ୍ରଶ୍ନ**–କେଉଁ ରଙ୍ଗର ଝିଅକୁ ପ୍ରେମ କଲେ ପ୍ରେମର ଅସଲ ମଜା ମିଳେ ?

*–ବି.କେ. ସାହୁ, କେନ୍ଦ୍ରାପଡା*

**ଉତ୍ତର:** ଆପଣଙ୍କ ପ୍ରଶ୍ନ ପଢ଼ିବା ପରେ କବିତାଟିଏ ମନରେ ଉଙ୍କି ମାରୁଛି। ତାହା ହେଲା, 'କାଳୀ ଝିଅ ପ୍ରେମ ନିଆରା ନିଆରା, ସାବନୀ ପ୍ରେମ ମିଠା, ଗୋରୀ ଝିଅ ପ୍ରେମ ଫୁଲ୍ ରଙ୍ଗୀଲା ସତେ ଫେବିକଲ୍ ଅଠା।' ଏମିତି ସିନା କୁହାଯାଇପାରେ। ହେଲେ ବାସ୍ତବତା ତା'ଠାରୁ ନିଶ୍ଚୟ ଅଲଗା। ଅସଲ ପ୍ରେମ ପ୍ରେମିକାର ରଙ୍ଗରେ ନ ଥାଏ। ଯଦି ଜଣେ ସୁନ୍ଦରୀ ମନକୁ ଆପଣ ଜିଣି ପାରିଲେ ତେବେ ତାହା ବଡ କଥା। ତେଣିକି ସେହି ଝିଅ କାଳୀ, ସାବନୀ କି ଗୋରୀ, ଯାହା ହେଉ, ମନରେ ମନ ମିଶିଗଲେ ସେଥିରୁ ଯେଉଁ ପ୍ରେମ ସୃଷ୍ଟି ହୁଏ ତାହାର ଚାର୍ମ ସବୁବେଳେ ସ୍ପେଶାଲ।

**ପ୍ରଶ୍ନ**–ମୋ ପ୍ରେମିକା କଥା କଥାରେ ରାଗି ଯାଉଛି। ସେ ଏମିତି ପରିସ୍ଥିତି କାହିଁକି ସୃଷ୍ଟି କରୁଛି ?

*–ତପନ କୁମାର, ବାଲେଶ୍ୱର*

**ଉତ୍ତର:** ବେଳେବେଳେ ପ୍ରେମିକା ଟିକେ ରାଗିଯାଏ, ରୁଷେ, ଅଭିମାନ କରେ। ହେଲେ ତାହା କ୍ଷଣିକ। ଆଉ ସେଥିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ହେଲେ ଯଦି ପ୍ରେମିକା କୌଣସି କାରଣରୁ ରାଗୁଛି ଏବଂ ତାହା ପଛରେ ସତ୍ୟତା ରହିଛି, ତେବେ ତାହାକୁ କଦାପି ହାଲକା ଭାବରେ ନିଅନ୍ତୁ ନାହିଁ। କାରଣ ଏମିତି ସମୟ ଆସିବ ଏଥିପାଇଁ ଆପଣଙ୍କ ପ୍ରେମର ମୀନାର ଦେଖୁଦେଖୁ ଭୁଷୁଡି ପଡିବାର ଚାନ୍ସ ରହିଛି। ତେଣୁ ବେଳ ଥାଉଁ ବନ୍ଧ ବାନ୍ଧନ୍ତୁ। ପ୍ରେମିକା କାହିଁକି ରାଗୁଛି ତାହା ତର୍ଜମା କରନ୍ତୁ। ଯଦି ସେ ଏମିତି ରାଗିବାର ଆକ୍ଟିଂ କରୁଛନ୍ତି ତେବେ ତାକୁ କେମିତି ମନାଇବେ ଟିକେ ମଗଜ ଖଟାନ୍ତୁ।

**ପ୍ରଶ୍ନ**–ମତେ ଜଣେ ଗୋରୀ ଝିଅ ଆଉ ଜଣେ କାଳୀ ଝିଅ ଏକାଥରେ ଲଭ୍ କରୁଛନ୍ତି। କାହାକୁ ମୁଁ ଜୀବନସାଥୀ କରିବି ଜାଣିପାରୁନାହିଁ।

*–ଅନିକେତ ମୁଦୁଲି, ବ୍ରହ୍ମପୁର*

**ଉତ୍ତର:** ଯଦି ଜୀବନସାଥୀ ଭାବରେ ଚଏସ କରିବାକୁ ଯାଉଛନ୍ତି, ଏହା ସମ୍ପୂର୍ଣ୍ଣ ଭାବରେ ଆପଣଙ୍କର ବ୍ୟକ୍ତିଗତ ମ୍ୟାଟର। ଏଥିରେ ପର ବୁଦ୍ଧିରେ ଘୋଡା ଚଢ଼ନ୍ତୁ ନାହିଁ। ଯଦି ବା କାହା କଥାରେ ପଡି ଏହି ଦୁଇ ଜଣଙ୍କ ଭିତରୁ କାହାକୁ ମ୍ୟାରେଜ କଲେ ଆଉ ପରବର୍ତ୍ତୀ ସମୟରେ ମନୋମାଳିନ୍ୟ ଦେଖାଦେଲା, ତେବେ କାହାକୁ ଦୋଷ ଦେବେ ନିଜେ ଚିନ୍ତା କରନ୍ତୁ। ତେଣୁ ପ୍ରେମିକା ସୁନ୍ଦରୀ ହେଉ ଅବା ଅସୁନ୍ଦରୀ–ସେଥିରେ କିଛି ଯାଏଆସେ ନାହିଁ। ଯିଏ ସାରା ଜୀବନ ମନ ମିଳାଇ ପାଦରେ ପାଦ ମିଳାଇ ଏବଂ ସୁଖଦୁଃଖରେ ସାଥୀ ହୋଇ ଚାଲିପାରିଲା, ସେ ହିଁ ପ୍ରକୃତ ଜୀବନସାଥୀ। ବାସ୍, ବଲ୍ ଆପଣଙ୍କ କୋର୍ଟରେ। ଆପଣ ଯେମିତି ଚାହିଁବେ ସେମିତି ଖେଳିବେ। ନା, କ'ଣ କହୁଛନ୍ତି !





ସାଥୀ

ପ୍ରଥମ ରୋଜଗାର

ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ତଥା ସାହିତ୍ୟିକ **ଶୈଳେନ୍ଦ୍ର କୁମାର ଜେନା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



## ୧୫୦ ଟଙ୍କା ଥିଲା

# ମୋର ପ୍ରଥମ ରୋଜଗାର

**କେ**ନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣ ସାହିରେ ମୋ ଜନ୍ମ। ବାପା ଯେହେତୁ ଶିକ୍ଷକତା କରୁଥିଲେ ଏବଂ ତାଙ୍କର ଚାକିରି କ୍ଷେତ୍ରରେ ବାରମ୍ବାର ବଦଳି ହେଉଥିଲା, ତେଣୁ ମୋ ପାଠପଢ଼ା ମଧ୍ୟ ବିଭିନ୍ନ ସ୍ଥାନରେ ହୋଇଥିଲା। ତେବେ କୋଲର୍ ଜୟପୁର ଠାରେ ଥିବା ଜଗନ୍ନାଥ ଉଚ୍ଚବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ପାସ୍ କରିବା ପରେ ମୁଁ ରାଉରକେଲା ଚାଲିଗଲି। କାରଣ ସେଠାରେ ମୋର ବଡ଼ ଦୁଇ ଭାଇ ରହି ପାଠ ପଢୁଥିଲେ। ମୁଁ ବି ତାଙ୍କ ପାଖେ ରହି ପଢ଼ିଲି ଏବଂ ସ୍ଥାନୀୟ ଏନ୍ଏସ୍ସି ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ରେଭେନ୍ସାରେ ଯୁକ୍ତ ୨ ଓ ଯୁକ୍ତ ୩ ପଢିଥିଲି। ଭୂଗୋଳ ଥିଲା ମୋର ଅନର୍ସ ପେପର। ସେ ସମୟରେ ମୁଁ ଅନର୍ସ ପେପରରେ ଆମ କଲେଜ ଟପ୍ପର ମଧ୍ୟ ହୋଇଥିଲି। ତା'ପରେ ବାଣୀବିହାରରେ ପି.ଜି. ଓ ପରେ ଏମ୍.ଫିଲ୍ କରିଥିଲି। ପି.ଜି.ରେ ଗୋଲ୍ଡ ମେଡାଲ୍ ପାଇବା ସହ ଏମ୍.ଫିଲ୍‌ରେ ଟପ୍ପର ବି ହୋଇଥିଲି। ଏଥିସହିତ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅରୁଣାଚଳପ୍ରଦେଶରେ ଅଧ୍ୟାପକ ଚାକିରି ପାଇଥିଲି। କିନ୍ତୁ ଦୁର୍ଭାଗ୍ୟବଶତଃ ଏତେ ବାଟ ମୁଁ ଯାଇପାରିଲି ନାହିଁ। ତେଣୁ ସେ ଚାକିରିର ଲୋଭ ଛାଡ଼ି ମୁଁ ବି.ଇଡି ପଢ଼ି ସେଥିରେ କୃତକାର୍ଯ୍ୟ ହେଲି ଏବଂ ୧୯୯୯ ମସିହାରେ ଚନ୍ଦ୍ରଶେଖରପୁର ଡି.ଏ.ଭି. ସ୍କୁଲ୍‌ରେ ଶିକ୍ଷକତା କରିବାକୁ ଲାଗିଲି। ତା'ସହିତ ସରକାରୀ ଚାକିରି ପାଇଁ ବିଭିନ୍ନ ଇଣ୍ଟରଭ୍ୟୁ ମଧ୍ୟ ଦେଉଥିଲି। ଏମିତିରେ ୨୦୦୨ରେ ମୋତେ ନବୋଦୟ ବିଦ୍ୟାଳୟରେ ପି.ଜି.ଟି. (ପୋଷ୍ଟ ଗ୍ରାଜୁଏଟ୍ ଟିଚର୍) ଭାବେ ଚାକିରି ମିଳିଗଲା। ପ୍ରଥମ ପୋଷ୍ଟିଂ ମହାରାଷ୍ଟ୍ରର ସତାରା ଜିଲାରେ ହେଲା। ସେଠାରେ ବର୍ଷେ ରହିବା ପରେ ମଣିପୁରର ସେନାପତି ଜିଲାକୁ ମୋର ବଦଳି ହେଲା, ଯେଉଁଠାରେ ମୁଁ ଦୁଇ ବର୍ଷ ଶିକ୍ଷକତା କରିଥିଲି। ତେବେ ମହାରାଷ୍ଟ୍ରରେ ଥିବାବେଳେ ମୁଁ ଓଏଏସ୍ ପରୀକ୍ଷା ଦେଇଥିଲି, ଯାହାର ରେଜଲ୍ଟ ବାହାରିଥିଲା ମୁଁ ମଣିପୁରରେ ଥିଲାବେଳେ। ହେଲେ ସବୁ ପ୍ରକାରର ପ୍ରୋସେସିଙ୍ଗ୍ ସାରି ମୁଁ ଚାକିରି ପାଇଲାବେଳକୁ ୨୦୦୫ ହୋଇଗଲା। ତେବେ ବଲାଙ୍ଗୀର, ସମ୍ବଲପୁର, ଦାରିଂବାଡି, ସୁନ୍ଦରଗଡ, ଯାଜପୁର ଆଦି ସ୍ଥାନରେ ତଥା ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଯଥାକ୍ରମେ ଡେପୁଟି କଲେକ୍ଟର, ବିଡିଓ, ତହସିଲଦାର ଓ ଡେପୁଟି ଡାଇରେକ୍ଟରଭାବେ ବେଶ୍ କିଛିବର୍ଷ କାମକରି ଏବେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗରେ ଯୁଗ୍ମ ଶାସନ ସଚିବ ଭାବେ କାର୍ଯ୍ୟରତ। ଏ ତ ଥିଲା ଚାକିରି ଜୀବନ କଥା। ଏହାବାଦ୍ ସାହିତ୍ୟ ପ୍ରତି ମୋର ବେଶ୍ ଦୁର୍ବଳତା ରହିଛି। ସ୍କୁଲ୍‌ରେ ପଢିଲାବେଳେ ଛୋଟ ଛୋଟ କବିତା ଲେଖିବା ଆରମ୍ଭ କରିଥିଲି। କିନ୍ତୁ ଲେଖାଲେଖିର ଅସଲ ଧାରା ମୋର ରେଭେନ୍ସାରେ ପଢିଲାବେଳେ ହିଁ ଆରମ୍ଭ ହୋଇଥିଲା। ମୋର ମନେଅଛି ସେ ସମୟରେ ଆକାଶବାଣୀର ଯୁବବାଣୀ ବିଭାଗକୁ ମୁଁ ଗୋଟିଏ କବିତା ପଠାଇଥିଲି। କିଛିଦିନ ପରେ ମୋ ପାଖକୁ ଖଣ୍ଡିଏ ଚିଠି ଆସିଲା ଯେ, ତୁମ କବିତାଟି ମନୋନୀତ ହୋଇଛି, ଏ ବାବଦରେ ତୁମକୁ ୧୫୦ଟଙ୍କା ମିଳିବ। ଏକଥା ସାଙ୍ଗମାନେ ଜାଣି ମୋତେ ଖାଇବାକୁ ମାଗିବାରୁ ମୁଁ ଦେଲି। ହେଲେ ପରେ ହିସାବ କରି ଦେଖିଲି, ମୁଁ ଯେତିକି ଟଙ୍କା ପାଇବି ତା'ଠାରୁ ଢେର ଅଧିକା ସାଙ୍ଗମାନଙ୍କୁ ଖାଇବାକୁ ଦେବାରେ ଖର୍ଚ୍ଚ କରିଦେଇଛି। ତଥାପି ଖୁସି ଥିଲି। କାରଣ ଏହି ୧୫୦ଟଙ୍କା ଥିଲା ମୋର ପ୍ରଥମ ରୋଜଗାର। ସେବେଠାରୁ ମୋର ଲେଖାଲେଖିର ଧାରା ସେମିତି ଜାରି ରହିଛି। ଅବଶ୍ୟ ମଝିରେ କାର୍ଯ୍ୟବ୍ୟସ୍ତତା ଯୋଗୁ କିଛିଦିନ ଲେଖିବା ବନ୍ଦ କରିଦେଇଥିଲି। ହେଲେ ପୁଣି ମୋର କଲମ ମୁନ ଚାଲିଲା। କବିତା ସହିତ ଗପ ମଧ୍ୟ ଲେଖିଲି। ଯା'ଭିତରେ ଚିତ୍ରଖାତା, ପ୍ରିୟତମା ପ୍ରିୟତମା, କାଗଜ ଫୁଲ ଓ କୃଷ୍ଣଚୂଡ଼ାର ସହର, ଛତା ନାମରେ ୪ଟି ଗଳ୍ପ ସଂକଳନ ମୋର ପ୍ରକାଶିତ ହୋଇ ଅନେକ ପାଠକୀୟ ପ୍ରଶଂସା ପାଇସାରିଲାଣି। ତା'ସହିତ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ମଧ୍ୟ ହୋଇସାରିଲିଣି। ତେବେ ଭୁବନେଶ୍ୱର ସାହିତ୍ୟ ସମାଜ ଓ ତାଳପଦେଶ୍ୱରୀ ସାହିତ୍ୟ ଆସର ସହ ମୋର ସମ୍ପୃକ୍ତି ମୋତେ ସାହିତ୍ୟ କ୍ଷେତ୍ରରେ ଅନେକ କିଛି ଶିଖାଇଛି।

**–ଅନ୍ୱିତା**

# ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଏବେ ବି ସ୍ୱପ୍ନରେ ରହିଯାଇଛି



କୃଷ୍ଣା ମହାନ୍ତି

ଶିକ୍ଷାବିତ୍ ଓ ସାମାଜିକ କର୍ମୀ, କୃଷ୍ଣା ମହାନ୍ତି। ଯାହାଙ୍କର ଅନ୍ୟ ଏକ ପରିଚୟ ହେଲା ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପୋସହୀନ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କ ସୁଯୋଗ୍ୟ କନ୍ୟା। ଯିଏକି ତିନୁଅପା ରୂପେ ସୁପରିଚିତ। ଯାହାଙ୍କ ଭିତରେ ଏବେବି ଧରି ରହିଛି ସ୍ୱାଧୀନତା ଆନ୍ଦୋଳନକାଳୀନ ବିଚାରର ସ୍ଫୁଲିଙ୍ଗ । ସ୍ୱାଧୀନତା ପୂର୍ବରୁ ଓ ପରେ ତାଙ୍କ ପରିବାରର ସଦସ୍ୟମାନଙ୍କର ତ୍ୟାଗ ଓ ସେବା ଅକଳନୀୟ ଓ ଅତୁଳନୀୟ। ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ଯେଉଁ ପରିବାରର ସଦସ୍ୟ ତା’ ଭିତରେ ନିଜର ଅସ୍ତିତ୍ୱକୁ ବଜାୟ ରଖିବା ଏତେ ସହଜ ନ ହେଲେ ବି ତାଙ୍କ କର୍ମପ୍ରବଣତା, ତ୍ୟାଗ ଓ ପିଲାଙ୍କୁ ଗଢିବାର ଝୁଙ୍କ୍ ତାଙ୍କୁ ଅନନ୍ୟ କରେ। କ୍ରିଷ୍ଣା ଅନେକ ଦଶନ୍ଧି ଧରି ଅନୁଗୋଳର ବାଜି ରାଉତ ଛାତ୍ରାବାସ ପରିଚାଳନା କରି ଆସୁଛନ୍ତି, ଯାହା ଦଳିତ ତଥା ଆଦିବାସୀ ପିଲାଙ୍କ ପାଇଁ ଶିକ୍ଷାର ଏକ ମନ୍ଦିର। ଶାନ୍ତିନିକେତନ ଢାଞ୍ଚାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ପିଲାଙ୍କୁ ସେମାନଙ୍କର ଶୈଶବର ସ୍ୱଚ୍ଛନ୍ଦତା ଓ କୈଶୋରର ସ୍ୱପ୍ନ ପ୍ରବଣତା ଦିଏ । ସେମାନଙ୍କ ଭିତରର ସ୍ଫୁଲିଙ୍ଗ ଟିକକକୁ ଶିଖାରେ ପରିଣତ କରିବା ଲାଗି ସେ ଦିନରାତି ଏକାକାର କରି ଚାଲିଛନ୍ତି। ବୟାଅଶୀ ବର୍ଷ ବୟସରେ ବି ତାଙ୍କଠାରେ କ୍ଳାନ୍ତିର ଲେଶମାତ୍ର ଚିହ୍ନ ଦେଖିବାକୁ ମିଳେ ନାହିଁ । ଅରଟରେ ସୂତା କାଟିବାଠାରୁ ଆରମ୍ଭ କରି ପିଲାଙ୍କୁ ନୃତ୍ୟ, ଚିତ୍ରକଳା, ସଙ୍ଗୀତ ଶିଖେଇବା ଯାଏଁ ସବୁ କାମରେ ସେ ଏବେ ବି ତତ୍ପର । ତାଙ୍କ ସହ ଆଳାପର କିଛି ଅଂଶ।

**୧. ଭାରତର ସ୍ୱାଧୀନତା ପ୍ରାପ୍ତି ଖବର ଆପଣଙ୍କ ମନରେ କି ପ୍ରତିକ୍ରିୟା ସୃଷ୍ଟି କରିଥିଲା ?**

ଉ:ଆଠବର୍ଷ ବୟସରେ କ’ଣ ବା ପ୍ରତିକ୍ରିୟା ହୋଇପାରେ ? ମୁଁ ବାଜି ରାଉତ ଛାତ୍ରାବାସ ଅନୁଗୋଳରେ ଥିଲି। କୀର୍ତ୍ତନ ଗାନରେ ନିଦ ଭାଙ୍ଗିଥିଲା। ସମବେତ କଣ୍ଠରେ ଗୁଞ୍ଜରିତ ହେଉଥିଲା– "ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ... ସ୍ୱାଧୀନ... ସ୍ୱାଧୀନରେ।" ପଦାକୁ ଆସି ଚାହିଁ ଦେଖେ ଗ୍ରାମବାସୀଙ୍କର ଦୀର୍ଘ ପଟୁଆର ଚାଲିଛି। ବାଜି ରାଉତ ଛାତ୍ରାବାସର ପିଲାମାନେ ମଧ୍ୟ ସେଥିରେ ସାମିଲ ହେଲେ। ତା’ ପରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ସଭାପତିତ୍ୱରେ ପତାକା ଉତ୍ତୋଳନ ହେଲା। ସେ ଯାହା କହିଥିଲେ ଓ ମୋ ପିଲା ମନ ଯାହା ବୁଝିଥିଲା, ତାହା ଆଜି ବି ମନେପଡ଼େ। ତାହା ହିଁ ବୋଧହୁଏ ସ୍ୱାଧୀନ ଭାରତର ସ୍ୱପ୍ନ ଥିଲା। ସେ କହିଥିଲେ, ସ୍ୱାଧୀନ ଭାରତରେ ସବୁ ପିଲା ଖାଇବାକୁ ପିନ୍ଧିବାକୁ ପାଇବେ, ସ୍କୁଲକୁ ପାଠ ପଢ଼ିବାକୁ ଯିବେ। ସମସ୍ତେ ମିଶି ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଗଢ଼ିବା। ଏ ସ୍ୱପ୍ନ ଏବେ ବି ସ୍ୱପ୍ନରେ ହିଁ ରହିଯାଇଛି।

**୨. ସ୍ୱାଧୀନତା ସହ ଥିଲା ବିଭାଜନର ଜ୍ୱାଳା । ସେ ସମ୍ପର୍କରେ କ’ଣ କହିବେ ?**

ଉ:ସ୍ୱାଧୀନତାର ଆନନ୍ଦ ଅପେକ୍ଷା ବିଭାଜନ ଯୋଗୁ ଭାଇ ଭାଇ ମଧ୍ୟରେ ଯେଉଁ ସାମ୍ପ୍ରଦାୟିକ ଦଙ୍ଗା ଲାଗିଥିଲା ତାହା ସମସ୍ତଙ୍କୁ ବିଶାଦଗ୍ରସ୍ତ କରିଥିବାର ମନେଅଛି। ଖବରକାଗଜରୁ ଓ ରେଡିଓରୁ ଏକଥା ଜାଣି ନୂମା(ମାଳତି ଚୌଧୁରୀ) ଓ ବାପି(ନବକୃଷ୍ଣ ଚୌଧୁରୀ) ଆଲୋଚନା କରୁଥିଲେ। ଗାନ୍ଧିଜୀ ଯେ ତୀବ୍ର ମାନସିକ ଜ୍ୱାଳା ପାଉଥିବେ ସେ କଥା ଭାବି ଏମାନେ ବ୍ୟଥିତ ହେଉଥିଲେ। ଦେଶ ରକ୍ତରଞ୍ଜିତ ହୋଇଥିଲା। ଦଙ୍ଗାରେ ମୃତକ ଓ ଶରଣାର୍ଥୀଙ୍କ ସଂଖ୍ୟା ପ୍ରତିଦିନ ବୃଦ୍ଧି ପାଉଥିଲା। ଦେଶ ସ୍ୱାଧୀନ ହେଉଥିଲା ସତ, ମାତ୍ର ଆନନ୍ଦଠାରୁ ବ୍ୟଥା ଅଧିକ ଥିଲା। ସେତେବେଳେ ଏହାର କାରଣ ବୁଝିପାରି ନ ଥିଲି। ଏଥିପାଇଁ ପ୍ରକୃତରେ ଦୋଷୀ କିଏ ଏ ପ୍ରଶ୍ନ ବାରମ୍ବାର ମନକୁ ଘାରୁଛି। ଆଜି ବି ତିନୋଟି ଦେଶ ଭାରତ, ପାକିସ୍ତାନ ଓ ବାଂଲାଦେଶ ଏହାର ପରିଣତି ଭୋଗ କରୁଛନ୍ତି।

**୩. ସ୍ୱାଧୀନତାକୁ ନେଇ ନାଗରିକର ଘଟିଛି ମୋହଭଙ୍ଗ । ସେ ସମ୍ବନ୍ଧରେ କ’ଣ କହିବେ ?**

ଉ:ସ୍ୱାଧୀନ ଦେଶର ସ୍ୱରାଜ୍ୟ ପ୍ରାପ୍ତି ପରେ ଅଧିକାର ଏବଂ କର୍ତ୍ତବ୍ୟ ମଧ୍ୟରେ ଆମେ ସମନ୍ୱୟ ରକ୍ଷାକଲେ ନାହିଁ, ତେଣୁ ଆମର ମୋହ ଭଙ୍ଗ ହେଲା। ଆପଣା ଦେଶକୁ କିପରି ଗଢ଼ିବା ତାହାର ଏକ ସ୍ପଷ୍ଟ ଚିତ୍ର ମହାତ୍ମା ଗାନ୍ଧୀ ଆମକୁ ଦେଇଯାଇଥିଲେ। ଆମେ ସେ ପଥକୁ ଛାଡ଼ି ଭିନ୍ନ ପଥର ଯାତ୍ରୀ ହେଲୁ। ସରକାର ଗଠନ କରିଥିବା ଦେଶର ନେତୃବୃନ୍ଦ ପାଶ୍ଚାତ୍ୟ ଦେଶକୁ ଅନୁକରଣ କରି ନିଜ ଦେଶ ଗଢ଼ିବାର ପ୍ରଚେଷ୍ଟା ହିଁ ଏକ ଭ୍ରାନ୍ତ ପଦକ୍ଷେପ। ଫଳସ୍ୱରୂପ ଧନୀ ଦରିଦ୍ର ମଧ୍ୟରେ ପ୍ରଭେଦ ବଢ଼ିଲା। ଅର୍ଥନୀତିରେ ସମତା ଆସିଲା ନାହିଁ। ତେଣୁ ମୋହ ଭଙ୍ଗ ହେବା ସ୍ୱାଭାବିକ।





**୪. ଦେଶ ଆଉ ଏକ ସଂଗ୍ରାମ ଆବଶ୍ୟକ କରୁଛି । ତା’ର ରୂପ କିପରି ହେବ ?**

ଉ:ଆଉ ଏକ ସଂଗ୍ରାମ ଦେଶର ଗ୍ରାମାଞ୍ଚଳରୁ ଆରମ୍ଭ ହେବା ଉଚିତ, ଯେଉଁଥିରେ ଚାଷୀ ମୂଲିଆ ସମ୍ପୃକ୍ତ ହୋଇ ଗାନ୍ଧିଜୀଙ୍କ ଗ୍ରାମସ୍ୱରାଜ୍ୟ ପାଇଁ ଆଉ ଏକ ଅହିଂସା ସତ୍ୟାଗ୍ରହ କରିବେ। ଏଥିପାଇଁ ଜଣେ ନୁହେଁ, ଅନେକଙ୍କୁ ସମନ୍ୱୟ ରଖି ନେତୃତ୍ୱ ନେବାକୁ ପଡ଼ିବ।

**୫. ଆପଣ ଓ ଆପଣଙ୍କ ପରିବାର ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିଥିଲେ, ସେ ସମ୍ପର୍କରେ କିଛି କୁହନ୍ତୁ ?**

ଉ:୧୯୨୦ରେ ବାପା ଅସହଯୋଗ ଆନ୍ଦୋଳନରେ ଯୋଗଦେଇ କଲେଜ ଛାଡ଼ିଥିଲେ ଓ ଗାନ୍ଧିଜୀଙ୍କ ସାବରମତି ଆଶ୍ରମରେ ଯାଇ ଖଦି ତାଲିମ ନେଇଥିଲେ। ସେହିଠାରେ ହିଁ ମହାତ୍ମାଙ୍କ ସହ ସମ୍ପର୍କର ଆରମ୍ଭ। ମୋ ବଡ଼ବାପା ସରକାରୀ ଚାକିରି ତ୍ୟାଗକରି ଓ ବଡ଼ ମା’ ଗାନ୍ଧିଜୀଙ୍କ ଆଦର୍ଶରେ ଗ୍ରାମ ସେବା କାର୍ଯ୍ୟ ଆପଣେଇଥିଲେ। ବାପୁଙ୍କ ପ୍ରଦର୍ଶିତ ସମସ୍ତ କାର୍ଯ୍ୟ ଯଥା–ଅସ୍ପୃଶ୍ୟତା ନିବାରଣ, କୁଷ୍ଠସେବା, ନିଶା ନିବାରଣ ଓ ଖଦି କାମ ଆଦି କରିଥିଲେ। ମୋ ମା’ ମଧ୍ୟ ଏହି ପଥର ସହଯାତ୍ରୀ ହୋଇଥିଲେ। ବାପୁଙ୍କର ଓଡ଼ିଶାରେ ହରିଜନ ପଦଯାତ୍ରା ସମୟରେ ସମଗ୍ର ପରିବାର ଅଗ୍ରଣୀ ଭୂମିକା ନେଇଥିଲେ। ବାପୁ ଚାହୁଁଥିଲେ ଦଙ୍ଗାଗ୍ରସ୍ତ ନୂଆଖଲିରେ ସାହସୀ ମହିଳାମାନେ ଆସି ଏକା ଏକା ଗାଁଗୁଡ଼ିକରେ କାମ କରନ୍ତୁ। ମୋ ମା’ ସେତେବେଳେ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟା ପଦରୁ ଇସ୍ତଫା ଦେଇ ଅତ୍ୟାଚାରିତା ହରିଜନ ମହିଳାମାନଙ୍କ ପାଇଁ ନୂଆଖଲି ଯାଇ କାମ କରିଥିଲେ। ପରିବାରର ସମସ୍ତେ ଜେଲରେ ଥିବାବେଳେ ପ୍ରଥମେ ମୋ ବଡ଼ ଭଉଣୀ ଉତ୍ତରା ଜେଲରୁ ଖଲାସ ହୋଇଥିବାରୁ ତା’ ସହ ଛଅ ବର୍ଷ ବୟସରେ ମୁଁ ସେବା ଗ୍ରାମ ଯାଇ କିଛି ବର୍ଷ ରହିବାର ସୁଯୋଗ ପାଇଥିଲି। ସେତେବେଳେ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିବାର ଅମୃତ ଅନୁଭବ ଲାଭ କରିଥିଲି। ବଡ଼ବାପା ଓ ବୋଉଙ୍କ ଝିଅ ଅନ୍ନପୂର୍ଣ୍ଣା ଓ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ମହାତ୍ମାଙ୍କ ମୌଳିକ ଶିକ୍ଷା କାର୍ଯ୍ୟକ୍ରମରେ ଆରମ୍ଭରୁ ସମ୍ପୃକ୍ତ ଥିଲେ। ବଡ଼ଭାଇ ମନମୋହନ ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ବ୍ୟାପୃତ ଥିଲେ ଓ ଗାନ୍ଧିଜୀଙ୍କ ପଦଯାତ୍ରା ସମୟରେ ସାମ୍ବାଦିକତା କରୁଥିଲେ। ମୋ ବଡ଼ ଭଉଣୀର ବିବାହ ଗାନ୍ଧିଜୀଙ୍କ ବିଶ୍ୱସ୍ତ ସହକାରୀ ମହାଦେବ ଦେଶାଇଙ୍କ ପୁତ୍ର ନାରାୟଣ ଦେଶାଇଙ୍କ ସହ ହୋଇଥିଲା। ମହାଦେବଙ୍କ ମୃତ୍ୟୁ ପରେ କିଶୋର ନାରାୟଣଙ୍କ ଅଭିଭାବକ ବାପୁ ହିଁ ଥିଲେ। ଏହିପରି ସମଗ୍ର ପରିବାର ଗାନ୍ଧୀ ବିଚାରରେ ପ୍ରଭାବିତ ଥିବା ପିଲାଦିନୁ ଦେଖିଆସିଛି।

**୬. ସ୍ୱାଧୀନତାର ମୂଲ୍ୟବୋଧ ବଜାୟ ରଖିବା ପାଇଁ ଆପଣ ଏବେ କ’ଣ କରୁଛନ୍ତି ?**

ଉ:ପ୍ରଥମ ମୂଲ୍ୟବୋଧ ମୁଁ କାହା ଦ୍ୱାରା ଶୋଷିତ ହେବି ନାହିଁ କି କାହାକୁ ଶୋଷଣ କରିବି ନାହିଁ। ଅନ୍ୟାୟକୁ ବରଦାସ୍ତ ନ କରି ଆବଶ୍ୟକ ସ୍ଥଳେ ପ୍ରତିବାଦ କରିବା, ବହୁରାଷ୍ଟ୍ରୀୟ କମ୍ପାନୀର କବଳିତ ନ ହେବାକୁ ଯଥାସମ୍ଭବ ଉଦ୍ୟମ କରିବା। କ୍ଷମତା ଏବଂ ଅର୍ଥନୀତିର ବିକେନ୍ଦ୍ରୀକରଣ କିପରି ହେବ ସେ ସମ୍ପର୍କରେ ଅଧ୍ୟୟନ ଓ ଚର୍ଚ୍ଚାଲୋଚନ କରିବା, ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ର ଯେଉଁମାନେ ବାଜି ରାଉତ ଛାତ୍ରାବାସରେ ରହୁଛନ୍ତି ସେମାନଙ୍କୁ ତାଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ସଚେତନ କରାଇବା ଓ ସ୍ୱାଧୀନଚେତା କରାଇବା। ଆଉ ଅନେକ କିଛି କରିବାର ଇଚ୍ଛା ଥିଲେ ମଧ୍ୟ କରିପାରୁନାହିଁ।

–ରୋଜାଲିନ୍ ମହାନ୍ତି



ଐଶ୍ୱର୍ଯ୍ୟା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ବୋକା

ଗୁଡୁ ମୁନାକୁ- ଆଜି ମୁଁ ପାଣିକୁ ବୋକା ବନେଇଦେଲି।
ମୁନା- କେମିତି?
ମୁନା- ମୁଁ ପାଣି ଗରମ କଲି ଗାଧେଇବା ପାଇଁ, ହେଲେ ଗାଧେଇଲିନି।

## ଝଗଡା

ସ୍ୱାମୀ ସ୍ତ୍ରୀ ଭିତରେ ଝଗଡା ହେବା ଯୋଗୁ ସ୍ତ୍ରୀ ବାପଘରକୁ ଚାଲିଗଲେ। ସେଇଠିଥାଇ ସ୍ୱାମୀଙ୍କୁ ଫୋନ୍ କରି ପୁଣି ଝଗଡା କଲେ।
ସ୍ୱାମୀ- ତମେ ତ ବାପଘରେ ଅଛ। ସେଇଠିଥାଇ ପୁଣି ମୋ ସହ ଫୋନ୍‌ରେ କାହିଁକି ଝଗଡା କରୁଛ?
ସ୍ତ୍ରୀ-ଇଏ ଝଗଡା ନୁହେଁ, ଓ୍ୱାର୍କ ଫ୍ରମ୍ ହୋମ୍।

## ଭାଗ୍ୟଶାଳୀ

ସାଇକେଲ୍‌ରେ ଯାଉଥିବା ଜଣେ ବ୍ୟକ୍ତି ରାମକୁ ଧକ୍କା ଦେଇ କହିଲେ- ତମେ ବହୁତ ଭାଗ୍ୟଶାଳୀ।
ରାମ- ଧକ୍କା ମାରିଲ ଯେ କେତେ କଷ୍ଟ ହେଉଛି। ସେଥିରେ କହୁଛ କ'ଣ ନା ମୁଁ ଭାଗ୍ୟଶାଳୀ।
ବ୍ୟକ୍ତି- ହଁ, ଆଜି ଛୁଟି ବୋଲି ମୁଁ ସାଇକେଲ ଚଲଉଛି। ନ ହେଲେ ତ ମୁଁ ଟ୍ରକ ଚଲାଏ।



ସ୍ୱାଧୀନତା ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ଦେଶଭକ୍ତିର ଗଭୀର ଭାବନାକୁ ହୃଦୟଙ୍ଗମ କରିହେବ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

# ଦେଶଭକ୍ତିର ସହ ଭ୍ରମଣ

ପ୍ରତିବର୍ଷ ଅଗଷ୍ଟ ୧୫ ବା ସ୍ୱାଧୀନତା ଦିବସକୁ ଭାରତବାସୀ ମନରେ ଦେଶପ୍ରୀତିର ଭାବନା ନେଇ ବେଶ୍ ଉତ୍ସାହର ସହ ପାଳନ କରିଥାନ୍ତି। ଆଉ ଏହିଦିନ ସେହି ନେତା ଓ ବୀର ଶହୀଦଙ୍କୁ ସମସ୍ତେ ମନେ ପକାଇଥାନ୍ତି, ଯେଉଁମାନେ ଇଂରେଜ ଶାସନରୁ ଆମକୁ ସ୍ୱାଧୀନତା ଦେବା ପାଇଁ ନିଜର ସବୁ ସୁଖଦୁଃଖକୁ ତ୍ୟାଗ କରି ଦେଇଥିଲେ। ତା'ଛଡ଼ା ଏହି ବିଶେଷ ଦିନରେ ସେହି ବୀର ଯବାନଙ୍କୁ ମଧ୍ୟ ସ୍ମରଣ କରାଯାଇଥାଏ, ଯେଉଁମାନେ ସୀମାରେ ଶତ୍ରୁମାନଙ୍କ ସହ ଲଢ଼ି ଭାରତବାସୀଙ୍କୁ ଶାନ୍ତିରେ ରହିବାକୁ ଦେବା ପାଇଁ ନିଜ ଜୀବନକୁ ବାଜି ଲଗାଇବାକୁ ମଧ୍ୟ ପଛାଇ ନାହାନ୍ତି। ସେମାନଙ୍କର ସେହି ପରିଶ୍ରମ ଓ ତ୍ୟାଗ ଯୋଗୁ ଆଜି ଆମେ ମୁକ୍ତ ଆକାଶର ବିହଙ୍ଗ ଭାବେ ବେଶ୍ ଆରାମରେ ଜୀବନର ସବୁ ଖୁସିକୁ ଉପଭୋଗ କରିପାରୁଛେ। ତେଣୁ ଏଥରର ଏହି ଆଲେଖ୍ୟରେ ସେମିତି କିଛି ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଯାଉଛି, ଯେଉଁଠାକୁ ସ୍ୱାଧୀନତା ଦିବସ ଅବସରରେ ବୁଲିଗଲେ ସେହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଦେଶଭକ୍ତିର ଗଭୀର ଭାବନାକୁ ହୃଦୟଙ୍ଗମ କରିହେବ...

**ଲାଲକିଲ୍ଲା:** ସୂଚନାନୁଯାୟୀ, ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସ୍ୱାଧୀନ ହୋଇଥିଲା। ଆଉ ସେହିଦିନ ହିଁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ନିଜର ଭାଷଣ ପ୍ରଦାନ କରିଥିଲେ। ଭାରତ ସ୍ୱତନ୍ତ୍ରତା ପ୍ରାପ୍ତ ହେବା ପଛରେ ଏହି ସ୍ଥାନର ବେଶ୍ ଐତିହାସିକ ମହତ୍ତ୍ୱ ରହିଛି। କାରଣ ଏହା ହେଉଛି ସେହି ସ୍ଥାନ, ଯାହା ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏକ ମୁଖ୍ୟ କେନ୍ଦ୍ର ଥିଲା। ଆଜିବି ଏହା ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ ଭାବେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି।

**ରାଜଘାଟ:** ଏଠାରେ ରହିଛି ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କର ସ୍ମାରକୀ। ଇଂରେଜ ଶାସନ କବଳରୁ ଭାରତବାସୀଙ୍କୁ ସ୍ୱାଧୀନତା ଦେବା ପାଇଁ ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗକୁ ଆଜି ବି ସମଗ୍ର ଦେଶ ଝୁରି ହେଉଛି। ଏହି ମହାନ୍ ଜନନାୟକଙ୍କର ଅକାଳ ମୃତ୍ୟୁ ପରେ ଦିଲ୍ଲୀସ୍ଥିତ ରାଜଘାଟଠାରେ ହିଁ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଆଉ ତାଙ୍କୁ ସମ୍ମାନ ଦେବା ପାଇଁ ତାଙ୍କର ସେହି ସମାଧିପୀଠରେ ଅହରହ ଏକ ଜ୍ୟୋତି ପ୍ରଜ୍ୱଳିତ ହେଉଥିବାର ଦେଖିବାକୁ ମିଳିଥାଏ। ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ସ୍ଥାନକୁ ବୁଲିଯାଇ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିପାରିବେ।

**କାରଗିଲ୍ ଯୁଦ୍ଧ ସ୍ମାରକୀ:** ଏହା ଏମିତି ଏକ ସ୍ଥାନ, ଯେଉଁଠାକୁ ସ୍ୱାଧୀନତା ଦିବସ ଅବସରରେ ବୁଲିଗଲେ ମନରେ ଦେଶପ୍ରୀତିର ଭାବନା ଜାଗ୍ରତ ହୋଇଥାଏ। କାରଣ ଏଠାରେ ପାକିସ୍ତାନ ବିରୋଧରେ କାରଗିଲ ଯୁଦ୍ଧ ଲଢ଼ି ଶହୀଦ ହୋଇଥିବା ବୀର ସୈନିକମାନଙ୍କର ସ୍ମାରକୀ ରହିଛି ଏବଂ ସମସ୍ତ ଶହୀଦ ଯବାନଙ୍କର ନାମ ଏଠାରେ ଥିବା ଏକ ସ୍ମୃତି ସ୍ତମ୍ଭରେ ଲେଖା ଯାଇଥିବାର ଦେଖିବାକୁ ମିଳିଥାଏ। ତେବେ ପ୍ରତିବର୍ଷ ସ୍ୱାଧୀନତା ଦିବସ ଅବସରରେ ଏଠାରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବାରୁ ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ମିଳିଥାଏ।

**ଜାଲିଆନାୱାଲାବାଗ୍:** ୧୩ ଏପ୍ରିଲ୍ ୧୯୧୯, ଭାରତୀୟ ଇତିହାସର ଏକ ଦୁଃଖଦ ଦିନ ଅଟେ। ସୂଚନାନୁଯାୟୀ, ଏହି ଦିନ ଅମୃତସରସ୍ଥିତ ଜାଲିଆନାୱାଲାବାଗ୍‌ରେ ହଜାରରୁ ଊର୍ଦ୍ଧ୍ୱ ନିର୍ଦ୍ଦୋଷ ଭାରତୀୟଙ୍କୁ ଗୁଳି କରି ହତ୍ୟା କରି ଦିଆଯାଇଥିଲା। ଏହି ହତ୍ୟାକାଣ୍ଡ ବ୍ରିଟିଶ କ୍ରୂରତାର ଏକ ପରିଚୟ ଦେଇଥାଏ। ତଥ୍ୟରୁ ଯାହା ଜଣାଯାଏ, ଏହିଦିନ ଜାଲିଆନାୱାଲାବାଗ୍‌ରେ ହଜାରରୁ ଊର୍ଦ୍ଧ୍ୱ ନିରୀହ ଲୋକ ଇଂରେଜ ଶାସନ ବିରୋଧରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରଦର୍ଶନ କରିବାକୁ ଏକାଠି ହୋଇଥିଲେ। କିନ୍ତୁ ଦମନକାରୀ ଇଂରେଜମାନଙ୍କୁ ଏହା ପସନ୍ଦ ନ ଥିଲା। ଆଉ ବ୍ରିଟିଶ ବ୍ରିଗେଡିୟର୍ ଜେନେରାଲ ଡାୟର୍‌ଙ୍କ ନିର୍ଦ୍ଦେଶକ୍ରମେ ଆଖିପିଛୁଳାକେ ଏହି ନିରୀହ ଲୋକଙ୍କ ଉପରକୁ ଗୁଳି ବର୍ଷଣ କରି ସେମାନଙ୍କୁ ହତ୍ୟା କରିବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଭାରତୀୟ ସ୍ୱତନ୍ତ୍ରତା ଆନ୍ଦୋଳନର ଇତିହାସରେ ବହୁତ ବଡ଼ ପରିବର୍ତ୍ତନ ଆଣିଥିଲା ବୋଲି ବିଶ୍ୱାସ କରାଯାଏ। ତେଣୁ ସ୍ୱାଧୀନତା ଦିବସ ଅବସରରେ ଏହି ସ୍ଥାନକୁ ବୁଲି ଯାଇ ପର୍ଯ୍ୟଟକ ସେହି ନିର୍ଦ୍ଦୋଶ ମୃତ ଭାରତୀୟଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମନରେ ଶାନ୍ତି ପାଇପାରିବେ।







**ଚମ୍ପାରଣ:** ଏହା ବିହାରସ୍ଥିତ ଏକ ଐତିହାସିକ ସ୍ଥଳ, ଯାହା ଏବେ ପୂର୍ବ ଚମ୍ପାରଣ ଓ ପଶ୍ଚିମ ଚମ୍ପାରଣ ନାମରେ ଦୁଇଟି ଭିନ୍ନ ଜିଲା ହୋଇଯାଇଛି। ଇତିହାସ ଅନୁଯାୟୀ, ବିଦେଶରୁ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀ ଇଂରେଜଙ୍କ ବିରୋଧରେ ନିଜର ପ୍ରଥମ ଅହିଂସା ଆନ୍ଦୋଳନ ଏହିଠାରୁ ଆରମ୍ଭ କରିଥିଲେ। ଏହାକୁ ଆମେ ଭାରତର ଏକ କୃଷକ ଆନ୍ଦୋଳନ ମଧ୍ୟ କହିପାରିବା, ଯାହାର ପ୍ରତିନିଧିତ୍ୱ ସ୍ୱୟଂ ବାପୁ ହିଁ କରିଥିଲେ। ତେଣୁ ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଏଠାକୁ ମଧ୍ୟ ବୁଲିଯାଇ ଅନେକ ଅନୁଭୂତି ହାସଲ କରିପାରିବେ।

କେବଳ ଏହିସବୁ ସ୍ଥାନ ନୁହେଁ ଦିଲ୍ଲୀର ଇଣ୍ଡିଆ ଗେଟ୍ ହେଉ ଅବା ଅଟାରି-ୱାଘା ବର୍ଡର କିମ୍ବା ଅହମ୍ମଦାବାଦ୍‌ସ୍ଥିତ ସାବରମତୀ ଆଶ୍ରମ ଆଦି ସ୍ଥାନକୁ ମଧ୍ୟ ବୁଲିଗଲେ ପର୍ଯ୍ୟଟକ ଦେଶପ୍ରୀତିର କିଛିଟା ନିଆରା ଅନୁଭୂତି ନିଶ୍ଚୟ ଅନୁଭବ କରିପାରିବେ।





## ଅଗଷ୍ଟକ୍ରାନ୍ତି ମୈଦାନ

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ମୁମ୍ବାଇସ୍ଥିତ ଏକ ମୈଦାନ ବା ପଡ଼ିଆରେ ସାର୍ବଜନିନ ସମ୍ମିଳନୀରେ ଭାରତଛାଡ଼ ଆନ୍ଦୋଳନର ନାରାବାଜି ଦେଇଥିଲେ। ଯେଉଁ ପଡ଼ିଆରୁ ଗାନ୍ଧିଜୀ ଏହି ଅଭିଯାନର ମୂଳଦୁଆ ପକାଇଥିଲେ, ତାହା ବର୍ତ୍ତମାନ ଅଗଷ୍ଟକ୍ରାନ୍ତି ମୈଦାନ ନାଁରେ ଜଣାଶୁଣା। ପ୍ରତିବର୍ଷ ବିଭିନ୍ନ ସ୍ମରଣୀୟ ଦିବସମାନଙ୍କରେ ସେହି କ୍ରାନ୍ତିକାରୀ ଘଟଣାକୁ ସ୍ମରଣ କରି ଏହି ମୈଦାନରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।







# ଅଜବ ମୋଟରସାଇକେଲ

ସାଧାରଣତଃ ମୋଟର ସାଇକେଲ୍‌ର ଦୁଇଟି ଚକ ଥାଏ। ସେପୁଣି ଆଗପଛ ହୋଇ। ସେଥିରେ ଚାଳକ ବସିବା ସହ ପଛପଟେ ଆଉ ଜଣେ ଦୁଇଜଣ ବି ବସିପାରନ୍ତି। କିନ୍ତୁ ୟୁନୋ ଦି ସେଗ୍‌ୱେ ନାମକ ଏକ ବାଇକ୍ ତିଆରି ହୋଇଛି, ଯାହାର ଦୁଇଟି ଚକ ଅଛି ସତ। ହେଲେ ଗୋଟିଏ ଚକ ଅନ୍ୟ ଚକର ପାର୍ଶ୍ୱରେ ରହିଛି। ପଛଭାଗରେ ଅନ୍ୟ କେହି ବସିବା ପାଇଁ ବି ଜାଗା ନାହିଁ। ଆଉ ଏହାକୁ ତିଆରି କରିଛନ୍ତି ୧୮ ବର୍ଷୀୟ ବେନ୍ ଜେ. ପସ୍ ଗୁଲକ୍। ଏହା ଏକ ଇଲେକ୍ଟ୍ରିକ୍ ବାଇକ୍। ଏଥିରେ ଦୁଇଟି ମାଇକ୍ରୋ ଗାୟରୋ ଇଞ୍ଜିନ ଲାଗିଛି। ଏଥିରେ ଗୋଟିଏ ଅନ୍ ଅଫ୍ ସୁଇଚ୍ ରହିଛି। ଚାଳକଙ୍କୁ ଆଗକୁ ଝୁଙ୍କି ଏହି ବାଇକ୍ ଚଳାଇବାକୁ ହୁଏ। ବେଶ୍ ଅଜବ ଲାଗିଥିବା ଏହି ବାଇକ କମଳା ଓ ଧୂସର ରଙ୍ଗରେ ଉପଲବ୍ଧ।

## କାର୍ଟୁନ କର୍ନର



# ଫ୍ୟାଶନେବଲ୍ ଦେଶୀ ଲୁକ୍

**ସ୍ୱାଧୀନତା ଦିବସ ଅବସରରେ ଟିକେ ଖାସ୍ ଦେଖାଯିବା ପାଇଁ ସମସ୍ତେ ଚାହାନ୍ତି। ଖାସ୍ କରି ଏହିଦିନ ଦେଶୀ ଲୁକ୍‌ରେ ବି ଷ୍ଟାଇଲିଶ୍ ଦେଖାଯିବାକୁ କିଏ କେତେ ପ୍ରୟାସ କରିଥାନ୍ତି। ତେଣୁ ଏହି କଥାକୁ ଧ୍ୟାନରେ ରଖି ଏଠାରେ ସେମିତି କିଛି ଫ୍ୟାଶନ ଟିପ୍ସ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହାକୁ ଉପଯୋଗ କଲେ ଯୁବତୀମାନେ ଦେଶୀ ଲୁକ୍ ପାଇବା ସହ ଫ୍ୟାଶନେବଲ୍ ବି ଲାଗିପାରିବେ...**





**ଶାଢ଼ିରେ ଦିଶିବେ ଖାସ୍:** ଏବେ ଟ୍ରାଇକଲର୍ ଥିମ୍‌ବାଲା ଭିନ୍ନ ଭିନ୍ନ ଫ୍ୟାବ୍ରିକ୍‌ର ଶାଢ଼ି ମାର୍କେଟ୍‌ରେ ମିଳିଲାଣି। ଯୁବତୀମାନେ ଚାହିଁଲେ ନିଜ ପସନ୍ଦ ମୁତାବକ ଯେକୌଣସି ଫ୍ୟାବ୍ରିକ୍‌ର ଟ୍ରାଇ କଲର୍ ଶାଢ଼ି ପିନ୍ଧି ଏହିଦିନ ଦେଶୀ ଲୁକ୍ ପାଇପାରିବେ। ନଚେତ୍ ଧଳା ରଙ୍ଗର ଶାଢ଼ି ସହ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ବ୍ଲାଉଜ୍‌କୁ ମ୍ୟାଚିଂ କରି ଏହି ଅବସରରେ ପିନ୍ଧିପାରିବେ। ତା'ଛଡ଼ା ନିଅନ୍ ଟ୍ରେଣ୍ଡର ବି ତ ଅପ୍ସନ ରହିଛି। ନିଅନ୍ ଗ୍ରୀନ୍ କିମ୍ବା ଅରେଞ୍ଜ କଲର୍‌ର ଶାଢ଼ିକୁ ପିନ୍ଧି ଏହିଦିନ ସେମାନେ ନିଜକୁ ଦେଶଭକ୍ତିର ରଙ୍ଗରେ ରଙ୍ଗେଇ ପାରିବେ।

**ସାଲଓ୍ୱାର ବି ଦେବ ଦେଶୀ ଲୁକ୍:** ସ୍ୱାଧୀନତା ଦିବସ ଦିନ ଧଳା ରଙ୍ଗର ସାଲଓ୍ୱାର୍ ପିନ୍ଧି ଯୁବତୀମାନେ ତା'ଉପରେ ଟ୍ରାଇ କଲର୍ ଥିମ୍ ବାଲା ଦୁପଟ୍ଟା ପକାଇପାରିବେ। ନଚେତ୍ କେବଳ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଦୁପଟ୍ଟା ବା ଚୁନି ପକାଇ ଆଟ୍ରାକ୍ଟିଭ୍ ଦେଶୀ ଲୁକ୍ ମଧ୍ୟ ପାଇପାରିବେ।

**ଜ୍ୟାକେଟ୍‌ରେ ବି ଝଲସିବ ଦେଶଭକ୍ତି:** ଏହି ବିଶେଷ ଅବସରରେ ଯୁବତୀମାନେ ସାଲଓ୍ୱାର ପିନ୍ଧନ୍ତୁ କି ଶାଢ଼ି ଅବା ଅନ୍ୟ କୌଣସି ଟ୍ରାଡିଶନାଲ୍ ଆଉଟ୍‌ଫିଟ୍, ତା' ସହିତ ମ୍ୟାଚିଂ କରି ପ୍ରିଣ୍ଟେଡ୍ ଜ୍ୟାକେଟ ପିନ୍ଧିଲେ ଲୁକ୍ ଖାସ୍ ଲାଗିଥାଏ। ଏପରିକି ଆଜିକାଲି ମାର୍କେଟ୍‌ରେ ଜ୍ୟାକେଟ୍‌ବାଲା ସାଲଓ୍ୱାର୍ ସୁଟ୍ ବି ମିଳିଲାଣି, ଏହା ମଧ୍ୟ ଯୁବତୀଙ୍କୁ ଦେଶୀ ଲୁକ୍ ପ୍ରଦାନ କରିଥାଏ।



**ଫ୍ୟାଶନ ଆସେସରିଜ୍:** ଶାଢ଼ି ହେଉ ଅବା ସାଲଓ୍ୱାର ଶୁଟ୍ ଯୁବତୀମାନେ ଯାହାବି ପିନ୍ଧନ୍ତୁ, ଯଦି ତା'ସହିତ ମ୍ୟାଚିଂ ଚୁଡ଼ି, ଇୟର ରିଂ, ବିନ୍ଦିକୁ ସେମାନେ ଟ୍ରାଏ କରିଥାନ୍ତି, ତା'ହେଲେ ଲୁକ୍ ଆହୁରି ଗର୍ଜିୟସ୍ ଲାଗିଥାଏ। ବିଶେଷକରି ସ୍ୱାଧୀନତା ଦିବସ ଭଳି ଖାସ୍ ଦିନରେ ଯଦି ଟ୍ରାଇ କଲର୍‌ର ଥିମ୍ ବାଲା ଫ୍ୟାଶନ ଆସେସରିଜ୍‌କୁ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧାଯାଏ, ତେବେ ଯୁବତୀମାନେ ଦେଶୀ ଲୁକ୍‌ରେ ବି ବେଶ୍ ଆକର୍ଷଣୀୟ ଲାଗିଥାନ୍ତି।

**ମେକ୍‌ଅପ୍ ବି ଦେବ ଦେଶୀ ଲୁକ୍:** କୁହାଯାଏ, ମେକ୍‌ଅପ୍‌ରେ ବି ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ତେବେ ସ୍ୱାଧୀନତା ଦିବସ ଅବସରରେ ଦେଶୀ ଲୁକ୍ ପାଇବାକୁ ତଥା ଫ୍ୟାଶନେବଲ୍ ଦେଖାଯିବାକୁ ଯୁବତୀମାନେ ଚାହିଁଲେ ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ଆଖିରେ ଟ୍ରାଇ କଲର୍‌ର ଆଇଶାଡୋ ଲଗାଇପାରିବେ। ନଚେତ୍ ଟ୍ରାଇ କଲର୍ ନେଲ୍ ଆର୍ଟ କରିବାର ଉପାୟ ବି ଆପଣେଇ ପାରିବେ। ଖାସ୍ କରି ଷ୍ଟ୍ରାଇପ୍, ଭର୍ଟିକାଲ୍, ହରାଇଜଣ୍ଟାଲ୍, ଫ୍ଲୋରାଲ୍, ଡଟେଡ୍, ନେଚର୍ ଥିମ୍‌ବାଲା ଟ୍ରାଇ କଲର୍ ନେଲ୍ ଆର୍ଟ ଏହିଦିନ ଯୁବତୀଙ୍କୁ ଭିନ୍ନ ଲୁକ୍ ଦେଇଥାଏ।





ବ୍ୟାକ୍ ପେଜ୍







# ବାର୍ବି କଣ୍ଢେଇରେ କୋଭିଡ୍ ଯୋଦ୍ଧା

**କୋ**ଭିଡ୍ ମହାମାରୀରେ ଫ୍ରଣ୍ଟଲାଇନ୍ କୋଭିଡ୍ ଯୋଦ୍ଧାମାନେ ଜୀବନକୁ ବାଜି ଲଗେଇ ନିଜ ନିଜ କ୍ଷେତ୍ରରେ ସେବା ପ୍ରଦାନ କରିଛନ୍ତି। ସେମାନଙ୍କର ସେହି ଅବଦାନ ପ୍ରତିବଦଳରେ ତାଙ୍କୁ ସମ୍ମାନିତ କରିବାକୁ ଯାଇ ମାଟେଲ ନାମକ କମ୍ପାନୀ, ଯେ କି ବାର୍ବି କଣ୍ଢେଇ ତିଆରି କରେ ଆପଣେଇଛି ଏକ ଅଭିନବ ଉପାୟ। ଆଉ ତିଆରି କରିଛି ପୃଥିବୀର ୬ଜଣ ପ୍ରମୁଖ ମହିଳା ଫ୍ରଣ୍ଟଲାଇନ୍ କୋଭିଡ୍ ଯୋଦ୍ଧାଙ୍କ ପରି ଦେଖାଯାଉଥିବା ୬ ପ୍ରକାରର ବାର୍ବି କଣ୍ଢେଇ। ଏହି ମହିଳା ହେଉଛନ୍ତି ଆମେରିକାର ଫିଜିସିଆନ୍ ଅଡ୍ରି କ୍ରୁଜ୍, ଯେ କି ମହାମାରୀ ସମୟରେ ଲସ୍ ଏଞ୍ଜେଲସ୍‌ରେ ଅବିରତ ସେବା ପ୍ରଦାନ କରିଥିଲେ। ବ୍ରାଜିଲ୍‌ର ଜାକ୍‌ଲିନ୍ ଗୁଜ୍ ଡି ଜେସସ୍, ସର୍ଜିକାଲ ଗାଉନ୍ ତିଆରି କରିଥିବା ଅଷ୍ଟ୍ରେଲିଆର ଡାକ୍ତର କିର୍ବି ହ୍ୱାଇଟ୍, ଅକ୍ସଫୋର୍ଡ ୟୁନିଭର୍ସିଟିରେ ଭାକ୍ସିନୋଲୋଜିରେ ପ୍ରଫେସର୍ ଥିବା ସହିତ ଆଷ୍ଟ୍ରାଜେନେକା ଭ୍ୟାକ୍ସିନ ତିଆରିରେ ପ୍ରମୁଖ ଅବଦାନ ଥିବା ସାରା ଗିଲବର୍ଟ, ମହାମାରୀ ସମୟରେ ସ୍ୱାସ୍ଥ୍ୟସେବାରେ ସିଷ୍ଟମିକ୍ ରେସିଜମ୍ ପାଇଁ ଲଢ଼ିଥିବା କାନାଡ଼ାର ଚିକା ଷ୍ଟେସି ଓରିଉୱା। ବ୍ରୁକଲିନ୍‌ର ୱାଇକୋଫ ହସ୍ପିଟାଲରେ ନର୍ସ ଥିବା ଆମୀ ଓ' ସୁଲିଭାନ୍, ଯେ କି ମହାମାରୀ ସମୟରେ ଏଭଳି ନିଷ୍ଠାର ସହ ସେବା ପ୍ରଦାନ କରିଥିଲେ ଓ ଟାଇମ୍ସ ମାଗାଜିନ୍‌ରେ ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ତାଙ୍କ ନାମ ରହିଥିଲା। ଏହି ସମ୍ମୁଖ ଯୋଦ୍ଧାମାନଙ୍କୁ ସମ୍ମାନିତ କରିବା ପାଇଁ ମାଟେଲ୍ ତିଆରି କରିଥିବା ବାର୍ବି କଣ୍ଢେଇ ଅବିକଳ ସେମାନଙ୍କ ଭଳି ହିଁ ଦେଖାଯାଉଛି। ତେବେ ଏହି କଣ୍ଢେଇଗୁଡ଼ିକ ବିକ୍ରି ପାଇଁ ଉଦ୍ଦିଷ୍ଟ ନୁହେଁ।










# ଆଇସ୍‌କ୍ରିମ୍‌ର ଦାମ ୬୦,୦୦୦



**ଛୋ**ଟରୁ ବଡ଼ ସମସ୍ତଙ୍କୁ ପସନ୍ଦ ଆଇସ୍‌କ୍ରିମ୍। ଆଇସ୍‌କ୍ରିମ୍ ବିଭିନ୍ନ ଫ୍ଲେଭର୍‌ରେ ଉପଲବ୍ଧ ହୁଏ। କାହାକୁ ଭାନିଲା ତ କାହାକୁ ଚକୋଲେଟ୍ ଫ୍ଲେଭର୍ ଆଇସ୍‌କ୍ରିମ ଭଲ ଲାଗେ। ହେଲେ କେବେ ଭାବିଛନ୍ତି ଆଇସ୍‌କ୍ରିମ୍‌ରେ ସୁନା ପଡ଼ିଥିଲେ କେମିତି ଲାଗିବ? ଦୁବାଇର ସ୍କୁପି କାଫେରେ ଉପଲବ୍ଧ ହେଉଛି ସୁନା ପଡ଼ିଥିବା ଆଇସ୍‌କ୍ରିମ୍। ଏହାକୁ ଖାଇଲେ ଜାଣିପାରିବେ ସୁନାରେ ସଜ୍ଜିତ ଆଇସ୍‌କ୍ରିମ୍ କେତେ ସ୍ୱାଦିଷ୍ଟ। ହେଲେ ଏହାକୁ ଖାଇବାକୁ ହେଲେ ଗଣିବାକୁ ପଡ଼ିବ ୬୦,୦୦୦ ଟଙ୍କା। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ମହଙ୍ଗା ଆଇସ୍‌କ୍ରିମ୍, ଯାହାର ନାମ ହେଉଛି ବ୍ଲାକ୍ ଡାଇମଣ୍ଡ ଆଇସ୍‌କ୍ରିମ୍। ଭାନିଲା ଆଇସ୍‌କ୍ରିମ୍ ଉପରେ ଇରାନୀ କେଶର, କଳା ଟ୍ରଫଲ୍ ଏବଂ ତା'ସହ ୨୩ କ୍ୟାରେଟ୍‌ର ଏଡିବଲ୍ ଗୋଲ୍ଡ ପକାଇ ଏହାକୁ ପ୍ରସ୍ତୁତ କରାଯାଏ। ଏହି ଆଇସ୍‌କ୍ରିମ୍ ଯେମିତି ରାଜକୀୟ ଏହାକୁ ସର୍ଭ କରିବା ତରିକା ବି ସେହିଭଳି ରାଜକୀୟ। ଏହାକୁ ବହୁତ ସୁନ୍ଦର କଳା ଓ ଗୋଲ୍ଡେନ୍ କଲର୍ କପ୍‌ରେ ସର୍ଭ କରାଯାଇଥାଏ।



# ୧୨ ଅଙ୍ଗୁଳି ଥିବା ପରିବାର



**ସ**ବୁ ପରିବାରର କିଛି ନା କିଛି ବିଶେଷତ୍ୱ ଥାଏ। ତେବେ ବ୍ରାଜିଲ, ବ୍ରାସିଲିଆର ଡା ସିଲ୍‌ଭା ପରିବାର ସଦସ୍ୟଙ୍କର ଯେଉଁ ବିଶେଷତ୍ୱ ରହିଛି ତାହା ବେଶ୍ ଆଶ୍ଚର୍ଯ୍ୟଜନକ। ୨୬ଜଣ ସଦସ୍ୟବିଶିଷ୍ଟ ଏହି ପରିବାରର ୧୪ଜଣଙ୍କ ହାତ ଓ ପାଦର ଅଙ୍ଗୁଳି ୧୨ଟି ଲେଖାଁ ରହିଛି। ଅର୍ଥାତ୍ ପ୍ରତି ହାତରେ ୬ଟି ଲେଖାଁ ଓ ପାଦରେ ୬ଟି ଲେଖାଁ ଅଙ୍ଗୁଳି ରହିଛି। ଏହି ବିଶେଷତ୍ୱକୁ ସେମାନେ ବରଦାନ ଭାବେ ଗ୍ରହଣ କରିଛନ୍ତି। ସଙ୍ଗୀତ ଓ ଫୁଟବଲ୍‌ପ୍ରେମୀ ଏହି ପରିବାର। ସେମାନଙ୍କ ମତରେ ହାତରେ ଛଅଟି ଅଙ୍ଗୁଳି ଥିବା ଯୋଗୁ ଫୁଟବଲ୍‌କୁ ସେମାନେ ବହୁତ ଭଲ ଭାବେ ଧରି ଖେଳି ପାରୁଛନ୍ତି ଏବଂ ଗିଟାର୍, ପିଆନୋ ଭଳି ବାଦ୍ୟକୁ ଭଲରେ ବଜାଇ ପାରୁଛନ୍ତି। ଛଅ ଅଙ୍ଗୁଳି



ପାଇଁ ଫୁଟବଲ୍‌ରେ ସେମାନେ ଗୋଲ୍ କିପିଂ କାମ ଭଲରେ କରିପାରୁଛନ୍ତି। ଯଦିଓ ଗ୍ଲୋଭସ୍ ସେମାନଙ୍କୁ ନିଜେ ତିଆରି କରିବାକୁ ପଡ଼େ। ଦୁଇ ଯୋଡ଼ା ଗ୍ଲୋଭ୍ସ କିଣି ସେଥିରୁ ଗୋଟିଏ ଯୋଡ଼ାରୁ ଏକ ଅଙ୍ଗୁଳି କାଟି ଅନ୍ୟ ଯୋଡ଼ା ଗ୍ଲୋଭ୍ସରେ ସିଲେଇ କରି ନିଜ ପାଇଁ ଗ୍ଲୋଭ୍ସ ତିଆରି କରିବାକୁ ପଡ଼େ। ହେଲେ ସେମାନେ ନିଜର ଏହି ବିଶେଷତ୍ୱ ପାଇଁ ବେଶ୍ ଖୁସି ଅନୁଭବ କରନ୍ତି।